# ଭଏସ୍ ଅଫ୍ ଭିକ୍ଟିମ୍ସ
# Voice of VictiMs

RNI Regd. No. :ODIMUL/2023/89182 | Weekly Multilingual | Rs - 5.00

ଭାଗ: ୩, ସଂଖ୍ୟା: ୧୦, ଭୁବନେଶ୍ୱର, ଜାନୁଆରୀ ୨୬ - ଫେବୃଆରୀ ୧, ୨୦୨୬, Vol: 3, Issue: 10, Bhubaneswar, January 26 - February 1, 2026 Pages- 8



ପୃଷ୍ଠା ୪ ସମ୍ପାଦକୀୟ : ପ୍ରଫେସର ଭବେନ୍ଦ୍ର ପଟ୍ଟନାୟକ

ପୃଷ୍ଠା ୮ ଶକ୍ତି ମାଧ୍ୟମରେ ଶାନ୍ତି


# ସିଂହାସନ ଷଡ଼ଯନ୍ତ୍ର



## ସିଂହାସନ ଯେଉଁଠି, ଷଡ଼ଯନ୍ତ୍ର ସେଇଠି

### ସ୍ୱତନ୍ତ୍ର ପାର୍ଟି, ଜାଗ୍ରତ ଓଡ଼ିଶା, ଓଡ଼ିଶା ଗଣପରିଷଦ, ସମତାକ୍ରାନ୍ତି, ଆମ ଓଡ଼ିଶା ଓ ଉତ୍କଳ ଭାରତ ସମସ୍ତେ ହଜିଗଲେ

### ବିଜୟ ଯଦି ଷଡ଼ଯନ୍ତ୍ର କଲେ ତେବେ ନବୀନ କ'ଣ କଲେ

### ଉଭୟଙ୍କ ଗୋଟି ଚାଳନାକୁ ଷଡ଼ଯନ୍ତ୍ର କୁହାଯାଉଛି କାହିଁକି

**ବିମଳ ଅଗ୍ରୱାଲ**

ବିଜୁ ଜନତା ଦଳ (ବିଜଦ)ରୁ ପାଟକୁରା ବିଧାୟକ ତଥା ପୁର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କ ବହିଷ୍କାର ନେଇ ଏବେ ଓଡିଶାର ବରିଷ୍ଠ ସାମ୍ବାଦିକମାନେ ଭାରି ଗୋଟେ ବିବ୍ରତ ଓ ଉତ୍ତେଜିତ ହୋଇପଡିଛନ୍ତି। କିଛି ସାମ୍ବାଦିକ ତ ଏକ ସଂଘ ମାର୍ଫତରେ ଏହାର ବିରୋଧ କରିବାକୁ ଏକାଠି ହେବାକୁ ଡାକରା ଦେଇଛନ୍ତି । ସତେ ଯେମିତି ସାମ୍ବାଦିକମାନେ ବିଜୁ ଜନତା ଦଳର ମୁଣ୍ଡି ଏବଂ ସେହି ଦଳର ସମସ୍ତ ନିଷ୍ପତ୍ତି ଯାଙ୍କ ପରାମର୍ଶ ଅନୁଯାୟୀ ହେବ। ଯେଉଁମାନେ ଏହାକୁ ଏକ ଷଡ଼ଯନ୍ତ୍ର କହି ଚିତ୍କାର କରୁଛନ୍ତି ସେମାନେ ବୋଧହୁଏ ପୃଥିବୀର ରାଜନୈତିକ ଇତିହାସ ଓ ପୁରାଣ ପାଠ କରିନାହାନ୍ତି। ସିଂହାସନ ଯେଉଁଠି ଅଛି ସେଠାରେ ଷଡ଼ଯନ୍ତ୍ର ନିଶ୍ଚୟ ଅଛି। ବୋଧହୁଏ ପାଟକୁରା ଓ ଭୁବନେଶ୍ୱରକୁ ଛାଡିଦେଲେ ଏହି ପ୍ରସଙ୍ଗ ଓଡିଶାର ଅନ୍ୟ କୌଣସି ଅଞ୍ଚଳରେ ଆଦୌ ଚର୍ଚ୍ଚିତ ନୁହେଁ। ଯେକୌଣସି ସଂଗଠନରୁ କୌଣସି ଜଣେ ବି ସଦସ୍ୟ ବାଦ୍ ପଡିଲେ ଏହା ଦଳକୁ କିଛି ପରିମାଣରେ ପ୍ରଭାବିତ କରିବ ନିଶ୍ଚୟ, କିନ୍ତୁ କ୍ଷମତାରେ ନଥିବା ଦଳକୁ ଛାଡି କ୍ଷମତାସୀନ ଦଳର ନିକଟବର୍ତ୍ତୀ ହେବା ଆଜିର ରାଜନୈତିକ ଦୃଶ୍ୟପଟ୍ଟରେ ଏକ ସାଧାରଣ ଘଟଣା ହୋଇଗଲାଣି। ତେବେ ବିଜଦ ଏକ ଆଞ୍ଚଳିକ ରାଜନୈତିକ ଦଳ ଏବଂ ଭାରତବର୍ଷରେ ଆଞ୍ଚଳିକ ରାଜନୈତିକ ଦଳମାନଙ୍କରେ ଶୀର୍ଷ ସ୍ଥାନ ଉତ୍ତରାଧିକାର ସୂତ୍ରରେ ଗଡି ଆସେ। ଯେଉଁଠାରେ ଉତ୍ତରାଧିକାରୀ ନଥାନ୍ତି ସେଠାରେ ଶୀର୍ଷ ପଦବୀଧାରୀଙ୍କର ପରିଣତ ବୟସ କିମ୍ବା ଦେହାନ୍ତରେ ଦଳର ବିଘଟନ ଘଟେ, ଯାହା ବର୍ତ୍ତମାନ ବିଜୁ ଜନତା ଦଳରେ ଦେଖାଦେଇଛି।

ବିଜୁବାବୁଙ୍କ ଦେହାନ୍ତ ପରେ ଯେତେବେଳେ ତାଙ୍କ ଅନୁଗାମୀମାନଙ୍କ ମଧ୍ୟରେ ତାଙ୍କ ଉତ୍ତରାଧିକାରୀ ପାଇଁ ସହମତି ହୋଇପାରିଲା ନାହିଁ ସେତେବେଳେ ନିଜ ନିଜର ରାଜନୈତିକ ଅସ୍ତିତ୍ୱ ବଞ୍ଚେଇବାକୁ ଯାଇ ନଳିନୀ ମହାନ୍ତି, ବିଜୟ ମହାପାତ୍ର, ବ୍ରଜ କିଶୋର ତ୍ରିପାଠୀ, ପ୍ରସନ୍ନ ଆଚାର୍ଯ୍ୟ, ପ୍ରଦୀପ ମହାରଥି , ଭାଗବତ ବେହେରା, ସୁରେନ୍ଦ୍ର ନାୟକ, ଦିଲ୍ଲୀପ ରାୟ, ପ୍ରଫୁଲ୍ଲ ଘଡେଇ, ଦାମୋଦର ରାଉତ ଓ ପ୍ରସନ୍ନ ପାଟଶାଣୀ ଆଦି ବିରୋଧୀ ଦଳର ବଡ଼ପଣ୍ଡାମାନେ ବିଜୁନନ୍ଦନ ନବୀନବାବୁଙ୍କୁ ନେହୁରା ହୋଇ ତାଙ୍କର ବଶତା ସ୍ୱୀକାର କରିଗଲେ। ନବୀନବାବୁଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଅଭୂତପୂର୍ବ ରାଜନୈତିକ ସଫଳତା ହାସଲ କଲା। ସମୟ ଏମିତି ଆସିଲା ଯେ, ଓଡିଶାର ସମସ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ ଯଥା ତଥାଗତ ସତପଥୀ, ଭର୍ତ୍ତୃହରି ମହତାବ, ନୀଳମଣି ରାଉତରାଙ୍କ ପୁଅ ଓ ନବୀନବାବୁଙ୍କ ସର୍ବାଧିକ ବିରୋଧୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜୋଇଁ ନବୀନବାବୁଙ୍କୁ ନେତାଭାବେ ଗ୍ରହଣ କରିନେଲେ। କଂଗ୍ରେସ ବିରୋଧୀ ନେତା ଭାବେ ନବୀନବାବୁଙ୍କ ନେତୃତ୍ୱ ଏତେ ପ୍ରଭାବୀ ଥିଲା ଯେ ୨୦୦୯ ମସିହାରେ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ପରେ ମଧ୍ୟ ତତ୍କାଳୀନ ମେଣ୍ଟ ଅଂଶୀଦାର ଭାରତୀୟ ଜନତା ପାର୍ଟି ନବୀନବାବୁଙ୍କ ସରକାରରୁ ସମର୍ଥନ ପ୍ରତ୍ୟାହାର କରିବାକୁ ସାହସ କରିପାରିଲେନି, ଅଥଚ ମେଣ୍ଟ ଭାଙ୍ଗି ନବୀନବାବୁ ଅଧିକ ସଫଳ ହେଲେ। ୨୪ ବର୍ଷର ନିରନ୍ତର ଓ ନିରଙ୍କୁଶ ଶାସନ ପରେ ମଧ୍ୟ ୨୦୨୪ ମସିହା ନିର୍ବାଚନରେ ଫଳାଫଳ ଘୋଷିତ ହେବା ପର୍ଯ୍ୟନ୍ତ କେହି ବି ନବୀନବାବୁଙ୍କ ସରକାର ପତନ କଥା ଆକଳନ କରିପାରି ନଥିଲେ। ନବୀନବାବୁଙ୍କ ପୁର୍ବରୁ ଓଡିଶାରେ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କର ସ୍ୱତନ୍ତ୍ର ଦଳ ଠାରୁ ନନ୍ଦିନୀ ଶତପଥୀଙ୍କର ଜାଗ୍ରତ ଓଡିଶା, ସୌମ୍ୟରଞ୍ଜନ ବାବୁଙ୍କର ଆମ ଓଡିଶା, ବିଜୟ ମହାପାତ୍ରଙ୍କର ଓଡିଶା ଗଣ ପରିଷଦ, ବ୍ରଜ କିଶୋର ତ୍ରିପାଠୀଙ୍କ ସମତା କ୍ରାନ୍ତି ଦଳ, ଖାରବେଳ ସ୍ୱାଇଁଙ୍କ ଉତ୍କଳ ଭାରତ ଦଳ ସହ ଆହୁରି ଅନେକ ଆଞ୍ଚଳିକ ଦଳ ଗଠନ ହୋଇ ହଜି ଯାଇଛନ୍ତି କିନ୍ତୁ କେହିବି ନବୀନବାବୁଙ୍କ ଭଳି ରାଜନୈତିକ ସଫଳତା ପାଇନାହାନ୍ତି। ନବୀନବାବୁ ଓଡିଆ ଭାଷା କହି ଲେଖି ପାରନ୍ତି ନାହିଁ, ନବୀନବାବୁ ଅଳ୍ପ କଥା କୁହନ୍ତି, ନବୀନବାବୁ ସାଧାରଣ ଲୋକଙ୍କ ସହିତ ମିଶନ୍ତି ନାହିଁ, କ୍ଷମତାକୁ ଆସିବା ପୁର୍ବରୁ ନବୀନବାବୁଙ୍କର କୌଣସି ରାଜନୈତିକ, ପ୍ରଶାସନିକ କିମ୍ବା ସାଂଗଠନିକ ଆଗ୍ରହ ଅବା ଉପଲବ୍ଧି ନଥିଲା। ତଥାପି କ୍ରମାଗତ ପାଞ୍ଚ ଥର ନିରନ୍ତର ଭାବେ ଲୋକମତ ପାଇ ସରକାର ଗଠନ କଲେ। ତାଙ୍କ କାର୍ଯ୍ୟକାଳ ଓଡିଶାର ସାମାଜିକ ଓ ଅର୍ଥନୈତିକ ଜୀବନକୁ କେଉଁ ରୂପେ ଓ କେତେ ପରିମାଣରେ ପ୍ରଭାବିତ କରିଥିଲା, ସେଥିରେ କେତେ ଷଡ଼ଯନ୍ତ୍ର ଥିଲା ଏବଂ କେତେ ପ୍ରବନ୍ଧନ ଥିଲା ତାହାର ଆକଳନ ସମୟ କରିବ, କିନ୍ତୁ ସେ ଯେଉଁ ଈର୍ଷଣୀୟ ରାଜନୈତିକ ସଫଳତା ହାସଲ କରିଛନ୍ତି ତାହା ରାଜ୍ୟ ତଥା ଦେଶରେ ବିରଳ।

ଏବେ ଆସିବା ବିଜୟ ମହାପାତ୍ର ଓ ଅରବିନ୍ଦ ମହାପାତ୍ରଙ୍କ ପାଖକୁ। ବିଜୟ ମହାପାତ୍ରଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ଦଳ ପ୍ରତିଷ୍ଠାର ଅଳ୍ପ ମାସ ମଧ୍ୟରେ ଶାସନ କ୍ଷମତାକୁ ଆସିବା ପରେ ପରେ ନବୀନବାବୁ ବିଜୁ ଜନତା ଦଳରୁ ବହିଷ୍କାର କରିଥିଲେ। ତା'ପରଠାରୁ ବିଜୟ ମହାପାତ୍ର ନିଜେ ଏକ ଆଞ୍ଚଳିକ ଦଳ ଗଠନ ସହ, ବିଭିନ୍ନ ଦଳରେ ଯୋଗଦେଇ ଶେଷରେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ ପୂର୍ବକ ନବୀନବାବୁଙ୍କ ଉପରେ ପ୍ରତିଶୋଧ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ କେବେ ବି ନିର୍ବାଚନ ରାଜନୀତିରେ ସଫଳ ହୋଇପାରି ନଥିଲେ କିମ୍ବା ବିଧାନସଭାକୁ ଯାଇ ପାରିନଥିଲେ। ଭାଜପାରେ କୋଣଠେସା ହେବା ପରେ ଯେତେବେଳେ ତାଙ୍କ ପୁଅ ବିଜଦରେ ଯୋଗଦେଇ ନବୀନବାବୁଙ୍କ ଶରଣ ପଶିଲେ ଏହା କଣ ତାଙ୍କ ବିନା ସମ୍ମତିରେ ହୋଇଥିଲା ? ନିଜ ରାଜନୈତିକ ଅଭିଳାଷ ପୂରଣ କରିବା ପାଇଁ ସେ କ'ଣ ତାଙ୍କ ପୁଅକୁ ମାଧ୍ୟମ କରି ନଥିଲେ ? କିନ୍ତୁ ନିର୍ବାଚନରେ ବିଜଦ ସରକାରର ପତନ ପରେ ଏବଂ ନବୀନବାବୁଙ୍କ କ୍ରମାଗତ ଅସୁସ୍ଥତା ପରିପ୍ରେକ୍ଷୀରେ ଦଳର ବିଘଟନ ସମୟରେ ସେ ପୁଣି ଏକ ଆଞ୍ଚଳିକ ଦଳ ଗଢି ତା'ର ନେତୃତ୍ୱ ନେବାକୁ କ'ଣ ଚେଷ୍ଟା କରୁ ନଥିଲେ ? ଏହାକୁ ଯଦି


(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)






ସର୍ବେଶ୍ୱର ବେହେରା

ଭାରତକୁ ଇଂରେଜ କବଳରୁ ମୁକ୍ତ କରିବା ପାଇଁ ଏକ ଅଖଣ୍ଡ ସ୍ୱାଧୀନ ଗଣତନ୍ତ୍ର ରାଷ୍ଟ୍ରରେ ପରିଣତ କରିବା ପାଇଁ ଦେଶବ୍ୟାପୀ ଅଗଣିତ ବିପ୍ଳବୀ ତ୍ୟାଗ ଓ ବଳିଦାନ ଦେଇଥିଲେ। ଏମାନଙ୍କ ମଧ୍ୟରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅଗ୍ରଗଣ୍ୟ। ସେ ଅଖଣ୍ଡ ସ୍ୱାଧୀନ ଭାରତ- ଗଠନ ନିମିତ୍ତ ପ୍ରଚେଷ୍ଟା କରିଛନ୍ତି, ତାହାକୁ ନିଜ ଜୀବଦ୍ଦଶା ମଧ୍ୟରେ ସାକାର ମଧ୍ୟ କରିଛନ୍ତି। ତାଙ୍କ ଦ୍ୱାରା ଗଠିତ ଆଜାଦ୍ ହିନ୍ଦ୍ ଫୌଜ ଅଖଣ୍ଡ ଭାରତ ସରକାର ଥିଲା। ଆଜାଦ୍ ହିନ୍ଦ୍ ଫୌଜର ତ୍ୟାଗ ଓ ବଳିଦାନ ଫଳରେ ଭାରତୀୟମାନଙ୍କ ମନରେ ରାଷ୍ଟ୍ରବାଦର ନବ ଉନ୍ମେଷ ହେଲା। ତାଙ୍କର ଉଦ୍‌ଘୋଷ 'ଜୟ ହିନ୍ଦ୍' ରାଷ୍ଟ୍ରୀୟ ସ୍ଲୋଗାନରେ ପରିଣତ ହେଲା। ଭାରତୀୟ ଯୁବ ମାନସରେ ଏହା ବୈଦ୍ୟୁତିକ ସଞ୍ଚାର ହୋଇଥିଲା। ଭାରତୀୟ ସେନା ଓ ପୁଲିସ ମଧ୍ୟରେ ନବଜାଗରଣ ଓ ରାଷ୍ଟ୍ରୀୟତାର ଭାବ ଉଦ୍ରେକ ହେଲା। ଇଂରେଜମାନେ ସେତେବେଳେ ଜାଣିଲେ ଭାରତୀୟ ସୈନ୍ୟବାହିନୀ ଓ ପୁଲିସମାନଙ୍କ ଦ୍ୱାରା ଶାସନ କରିବା ଅସମ୍ଭବ ହୋଇଯିବ। ଏଣୁ ସେମାନେ ଭାରତକୁ ସ୍ୱାଧୀନତା ପ୍ରଦାନ କିରବା ପାଇଁ ବାଧ୍ୟ ହେଲେ।

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କର ଆଜାଦ ହିନ୍ଦ୍ ଫୌଜର ଯୋଗଦାନ ଅତୁଳନୀୟ ଥିଲା। ଭାରତ ବାହାରେ ପ୍ରାୟ ଏକ ଲକ୍ଷ ସୈନିକମାନଙ୍କୁ ଏକତ୍ର କରି ଭାରତରେ ଶାସନ କରୁଥିବା ଦୁର୍ଦ୍ଧର୍ଷ ଇଂରେଜମାନଙ୍କ ବିରୋଧରେ 'ଦିଲ୍ଲୀ ଚଲୋ' ଡାକରା ଦେଇ ସୈନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଯୋଦ୍ଧା ପୃଥିବୀ ଇତିହାସରେ ବିରଳ। ସିଙ୍ଗାପୁରଠାରେ ୧୯୪୩ ମସିହା ଅକ୍ଟୋବର ୨୧ ତାରିଖ ଦିନ ଆଜାଦ୍ ହିନ୍ଦ୍ ସରକାର ଗଠନ କରି ତା'ର ରାଷ୍ଟ୍ରନାୟକ ରୂପେ ସେ ଯେଉଁ ପ୍ରତିଜ୍ଞା କରିଥିଲେ, ସେଥିରୁ ତାଙ୍କର ମନ ମଧ୍ୟରେ ଥିବା ରାଷ୍ଟ୍ରଭକ୍ତିର ଜ୍ୱାଳାକୁ ଜାଣିହୁଏ। ସେ ପ୍ରତିଜ୍ଞା କରି କହିଥିଲେ- "ମୁଁ ଈଶ୍ୱରଙ୍କ ନାମରେ ଶପଥ କରି କହୁଛି ଯେ ଭାରତର ୩୮୦ ନିୟୁତ ଅଧିବାସୀଙ୍କୁ ଦାସତ୍ୱ ବନ୍ଧନରୁ ମୁକ୍ତ କରିବା ପାଇଁ ଆପ୍ରାଣ ପ୍ରଚେଷ୍ଟା କରିବି। ମୃତ୍ୟୁ ପର୍ଯ୍ୟନ୍ତ ମୁଁ ଏହି ପ୍ରତିଜ୍ଞାକୁ ପାଳନ କରିବି। ଭାରତୀୟମାନଙ୍କୁ ସ୍ୱାଧୀନତା ପ୍ରଦାନ ପାଇଁ ମୁଁ ଆଜୀବନ ପ୍ରଚେଷ୍ଟା ଜାରି ରଖିବି। ସ୍ୱାଧୀନତା ପରେ ଭାରତୀୟମାନଙ୍କ କଲ୍ୟାଣ ପାଇଁ ମୋର ସମଗ୍ର ଜୀବନ ଉତ୍ସର୍ଗ କରିବା ପାଇଁ ପ୍ରଚେଷ୍ଟା କରୁଛି।"

ଏହି ଆଜାଦ୍ ହିନ୍ଦ୍ ସରକାରକୁ ଜାପାନ, ଜର୍ମାନୀ, ଇଟାଲୀ, ବ୍ରହ୍ମଦେଶ, ଫିଲିପାଇନ୍ସ, ନାନକିଂ, କ୍ରୋଏସିଆ, ମାଞ୍ଚୁକୋ, ବ୍ରହ୍ମଦେଶ (ଥାଇଲାଣ୍ଡ) ଆଦି ଦେଶଗୁଡ଼ିକ ସ୍ୱୀକୃତି ପ୍ରଦାନ କରିଥିଲେ। ନେତାଜୀ ସୁଭାଷଙ୍କ ସାହସିକ ସଂକଳ୍ପ ଓ ପରିସ୍ଥିତିର କୂଟନୈତିକ ଅନୁଶୀଳନ ତତ୍କାଳୀନ ଅନେକ ରାଷ୍ଟ୍ରମୁଖ୍ୟଙ୍କ ଧ୍ୟାନ ଆକର୍ଷଣ କରିଥିଲା। ବ୍ରହ୍ମଦେଶର ପ୍ରଧାନମନ୍ତ୍ରୀ ବା ମାଓ କହିଥିଲେ, "ଭାରତର ସ୍ୱାଧୀନତା ଲାଭ ବ୍ୟତୀତ ଏସିଆର ମୁକ୍ତି ସମ୍ଭବ ନୁହେଁ। ତେଣୁ ଭାରତର ମୁକ୍ତି ସଂଗ୍ରାମରେ ନେତାଜୀଙ୍କ ପ୍ରଚେଷ୍ଟାକୁ ସମସ୍ତ ଭାରତ ସମ୍ପୂର୍ଣ୍ଣ ସାହାଯ୍ୟ ଓ ସହାନୁଭୂତି ପ୍ରଦାନ କରିବା ଆବଶ୍ୟକ।"

୧୯୪୪ ଜାନୁଆରୀ ୫ ତାରିଖରେ ନେତାଜୀ ସୁଭାଷ ତାଙ୍କର ଆଜାଦ୍ ହିନ୍ଦ୍ ସରକାରର ମୁଖ୍ୟ କାର୍ଯ୍ୟାଳୟ ସିଙ୍ଗାପୁରରୁ ବ୍ରହ୍ମଦେଶରର ରାଜଧାନୀ ରେଙ୍ଗୁନକୁ ଉଠାଇ ନେଇଥିଲେ। ଗୋଟିଏ ସରକାରର ସର୍ବନିମ୍ନ ଯାହା ଆବଶ୍ୟକ ତାହାକୁ ସେ ଗଠନ କରିଥିଲେ। ନିଜର ମନ୍ତ୍ରିମଣ୍ଡଳ, ସୈନ୍ୟବାହିନୀ, ବ୍ୟାଙ୍କ, ଗୁପ୍ତଚର ସଂସ୍ଥା, ରେଡ଼ିଓ ବେତାର ଯନ୍ତ୍ର ଆଦି ସମସ୍ତ ନିର୍ମାଣ କରିଥିଲେ। ଆଜାଦ୍ ହିନ୍ଦ୍ ରେଡ଼ିଓକୁ ନେତାଜୀଙ୍କ ସ୍ୱର "ମୁଁ ସୁଭାଷ କହୁଛି- ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି" ଶୁଣିବା ପରେ ପ୍ରତ୍ୟେକ ଭାରତୀୟମାନଙ୍କ ମଧ୍ୟରେ ଦେଶ ଭକ୍ତିର ଭାବ ଜାଗ୍ରତ ହୋଇଥିଲା। ସମସ୍ତେ ନେତାଜୀଙ୍କ ରେଡ଼ିଓକୁ ଶୁଣିବା ପାଇଁ ବ୍ୟଗ୍ର ହୋଇ ଉଠିଥିଲେ।



ପରବର୍ତ୍ତୀ ସମୟରେ ନେତାଜୀଙ୍କ ଆଜାଦ୍ ହିନ୍ଦ୍ ଫୌଜ ଭାରତ ଅଭିମୁଖେ ଅଗ୍ରସର ହେଲା। ଫୌଜର ମେଜର ରାଠୋର କର୍ଣ୍ଣେଲ ସାହାନୱାଜ୍ ଖାଁ ତଥା ମହିଳା ରାଣୀ ଝାନ୍ସୀ ବ୍ରିଗେଡ୍‌ଙ୍କ ପକ୍ଷରୁ ଭାରତ ଅଭିମୁଖେ ରେଙ୍ଗୁନ ପଟୁ ଆକ୍ରମଣ ଆରମ୍ଭ କରିଦେଇଥିଲେ। ଇଂରେଜ ସୈନ୍ୟଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ ହୋଇଥିଲା। ପ୍ରଥମେ ଭାରତର ପୂର୍ବରେ ଥିବା ଦୁଇଟି ଦ୍ୱିପପୁଞ୍ଜ ଆଣ୍ଡାମାନ ଓ ନିକୋବରକୁ ଦଖଲ କରିଥିଲେ। ନେତାଜୀ ଆଣ୍ଡାମାନର ନାମ 'ସହିଦ' ଓ ନିକୋବର ଦ୍ୱୀପର ନାମ 'ସ୍ୱରାଜ' ପ୍ରଦାନ କରିଥିଲେ। ପରେ ଆଜାଦ୍ ହିନ୍ଦ୍ ଫୌଜ ଇମ୍ଫାଲ ଓ କୋହିମା ଆଦି ଅଞ୍ଚଳ ଦଖଲ କରିଥିଲେ।

୧୯୪୪ ଏପ୍ରିଲ ୧୪ ତାରିଖ ଥିଲା ଏକ ଐତିହାସିକ ଦିବସ। ଆଜାଦ୍ ହିନ୍ଦ୍ ଫୌଜ ନେତୃତ୍ୱରେ ନେତାଜୀ ମଣିପୁର ଦଖଲ କରି ମୌରାଙ୍ଗ ଠାରେ ଭାରତର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଫୌଜର ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିରେ ଭାଷଣ ପ୍ରଦାନ କରି ନେତାଜୀ କହିଥିଲେ- "ଇଂରେଜ ଶାସନରେ କାର୍ଯ୍ୟରତ ଭାରତୀୟ ସୈନିକ, ଅଧିକାରୀ, ପୁଲିସ ଓ ଭାରତୀୟ ନାଗରିକ ଗଣ ! ସମସ୍ତେ ଇଂରେଜ ସରକାରଙ୍କ ବିରୋଧରେ ବିଦ୍ରୋହ କରି ଅଗ୍ରସର ହେଉଥିବା ଆଜାଦ ହିନ୍ଦ୍ ଫୌଜର ସୈନ୍ୟବାହିନୀକୁ ସାହାଯ୍ୟ କରିବାକୁ ତତ୍ପର ହୁଅନ୍ତୁ...। ଦିଲ୍ଲୀ ଅଭିମୁଖେ ଯାତ୍ରାପଥ ହିଁ ସ୍ୱାଧୀନତାର ଯାତ୍ରା ପଥ। ଏଣୁ ଆମର ଅନ୍ତିମ ଲକ୍ଷ୍ୟ, "ଦିଲ୍ଲୀ ଚଲୋ।" ନେତାଜୀଙ୍କ ଏହି ଆହ୍ୱାନକୁ ସମଗ୍ର ଭାରତୀୟ ସ୍ୱୀକାର କରିଥିଲେ। ମାନସିକ ସ୍ତରରେ ଫୌଜକୁ ସହଯୋଗ କରିବା ସହିତ ଭାରତୀୟମାନଙ୍କ ଅନ୍ତଃକରଣରେ ରାଷ୍ଟ୍ରଭକ୍ତିର ବହ୍ନି ଉଦ୍ରେକ ହୋଇଥିଲା। ଦେଶର ଯୁବସମାଜ ନେତାଜୀଙ୍କ ସ୍ଲୋଗାନ 'ଜୟ ହିନ୍ଦ୍'କୁ ନିଜ ମଧ୍ୟରେ ଆଦାନ ପ୍ରଦାନ କରିବା ଆରମ୍ଭ କରିଦେଲେ। ଭାରତୀୟ ସୈନ୍ୟବାହିନୀ ଓ ପୋଲିସ ପ୍ରଶାସନ ମଧ୍ୟରେ ଦେଶପ୍ରୀତିର ଭାବନା ଝଙ୍କୃତ ହୋଇଥିଲା। ଏହାପରେ ଇଂରେଜ ସାମ୍ରାଜ୍ୟ ପ୍ରମାଦ ଗଣିବାକୁ ଆରମ୍ଭ କଲା।

'ଦିଲ୍ଲୀ ଚଲୋ' ଡାକରା ଦେଇ ଆଜାଦ୍ ହିନ୍ଦ୍ ଫୌଜ ଭାରତ ମଧ୍ୟକୁ ଅଗ୍ରସର ହେଉଥିଲା। ଫୌଜର ହଜାର ହଜାର ସୈନିକମାନଙ୍କ ବଳିଦାନ ହୋଇଥିଲା। ୧୯୪୫ ଅଗଷ୍ଟ ୯ ତାରିଖରେ ଜାପାନର ଦୁଇଟି ବଡ଼ ବଡ଼ ସହର ନାଗାସାକି ଓ ହିରୋସିମା ଉପରେ ଆମେରିକା ପରମାଣୁ ବୋମା ମାଡ଼ କରି ଧ୍ୱଂସ କରିଦେଇଥିଲା। ଜାପାନ ବିଶ୍ୱ ଯୁଦ୍ଧରେ ଆତ୍ମସମର୍ପଣ କରିବା ଛଡ଼ା ଅନ୍ୟ କିଛି ରାସ୍ତା ନଥିଲା। ନେତାଜୀଙ୍କ ଆଜାଦ୍ ହିନ୍ଦ୍ ସରକାର ମନ୍ତ୍ରିମଣ୍ଡଳର ସଦସ୍ୟମାନେ ମର୍ମାହତ ହୋଇ ଭାଙ୍ଗି ପଡ଼ିଥିଲେ। କିନ୍ତୁ ନେତାଜୀ ଥିଲେ ଅବିଚଳ ସାହସୀ ଯୋଦ୍ଧା। ନେତାଜୀଙ୍କ ଦୁର୍ଦ୍ଦମ୍ୟ ଓ ଦୁର୍ଜୟ ଅନ୍ତରାତ୍ମା ସହଜରେ ଭାଙ୍ଗିପଡ଼ି ନଥିଲା। ସେନାଧ୍ୟକ୍ଷ ରୂପେ ନେତାଜୀ ଶେଷଥର ପାଇଁ ନିଜର ପ୍ରିୟ ସୈନିକମାନଙ୍କୁ ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ଭାବଗର୍ଭକ ଭାଷାରେ ଉଦ୍‌ବୋଧନ ଦେଇ କହିଥିଲେ, "ଜାପାନର ଆତ୍ମସମର୍ପଣ ଭାରତର ଆତ୍ମସମର୍ପଣ ନୁହେଁ। ବନ୍ଧୁଗଣ ! ଦେଖ, ଆମେ ହିଁ ଏକମାତ୍ର ଶକ୍ତି ଯେଉଁମାନେ ଏ ପର୍ଯ୍ୟନ୍ତ ଆତ୍ମସମର୍ପଣ କରିନାହୁଁ। ଆମେମାନେ ବର୍ତ୍ତମାନ ସ୍ୱପ୍ନରେ କଳ୍ପନା କରିନଥିବା ଏକ ସଂକଟରେ ଉପନୀତ। ତୁମେମାନେ ହୁଏତ ଉପଲବ୍ଧ କରୁଛ ଯେ ଭାରତକୁ ସ୍ୱାଧୀନ କରିବାର ମହାନ ଲକ୍ଷ୍ୟ ବିଫଳ ହୋଇଛି। ମୁଁ କିନ୍ତୁ ଆପଣମାନଙ୍କୁ କହିବାକୁ ଚାହେଁ ଯେ ଏହି ବିଫଳତା କେବଳ କ୍ଷଣସ୍ଥାୟୀ। ଆପଣମାନଙ୍କ ସମସ୍ତ ପ୍ରଚେଷ୍ଟାକୁ ଏହି ସାମୟିକ ପରାଜୟ ଅକାମି କରିପାରିବ ନାହିଁ। ଏହି ଅନ୍ଧକାର ମୁହୂର୍ତ୍ତରେ ମୁଁ ଆପଣମାନଙ୍କୁ ଆହ୍ୱାନ ଦେଉଛି ଯେ, ବିପ୍ଳବୀ ବାହିନୀର ସହଯୋଗୀ ହୋଇ ଶୃଙ୍ଖଳିତ ମର୍ଯ୍ୟାଦାଯୁକ୍ତ ଓ ଶକ୍ତିସମ୍ପନ୍ନ ଆଚରଣ କର। ଦିଲ୍ଲୀରେ ପହଞ୍ଚିବା ପାଇଁ ବହୁ ବିକଳ୍ପ ପଥ ରହିଛି ଓ ଆମର ଲକ୍ଷ୍ୟସ୍ଥଳରେ ଆମେ ନିଶ୍ଚିନ୍ତ ପହଞ୍ଚିବା। ପୃଥିବୀର କୌଣସି ଶକ୍ତି ଭାରତକୁ ଦୀର୍ଘଦିନ ପର୍ଯ୍ୟନ୍ତ ଦାସତ୍ୱ ଶୃଙ୍ଖଳରେ ବାନ୍ଧି ରଖିପାରିବ ନାହିଁ। ଅବିଳମ୍ବେ ଭାରତ ସ୍ୱାଧୀନତା ଲାଭ କରିବ।" ନେତାଜୀ ସୁଭାଷଙ୍କ ଏହି ମହାନ ତ୍ୟାଗ ଓ ତପସ୍ୟା ଯୋଗୁଁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସେ ଜଣେ ଅମର ଯୋଦ୍ଧା ରୂପେ ପରିଗଣିତ ହୋଇଛନ୍ତି। ତାଙ୍କର ଅଦମ୍ୟ ପ୍ରଚେଷ୍ଟା ଓ ଦେଶଭକ୍ତିର ଭାବ ଭାରତୀୟମାନଙ୍କ ମନମସ୍ତିଷ୍କକୁ ସ୍ପର୍ଶ କରିଥିଲା। ଫଳରେ ଭାରତର ସୈନ୍ୟବାହିନୀରେ ରାଷ୍ଟ୍ରଭକ୍ତିର ଭାବ ଜାଗ୍ରତ ହୋଇଥିଲା। ୧୯୪୬ ମସିହାରେ ମୁମ୍ବଇଠାରେ ନୌସେନାର ସୈନିକମାନେ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ଇଂରେଜମାନଙ୍କ ଶାସନତନ୍ତ୍ର ଦୋହଲିବାକୁ ଲାଗିଲା। ସ୍ୱୟଂ ବ୍ରିଟିଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଏହା ସ୍ୱୀକାର କରିଛନ୍ତି ଯେ ଭାରତକୁ ସ୍ୱାଧୀନତା ପ୍ରଦାନ କରିବାର ମୁଖ୍ୟ କାରଣ ନେତାଜୀ ସୁଭାଷ ବୋଷଙ୍କ ବିଦ୍ରୋହ ଓ ତାଙ୍କ ଦ୍ୱାରା ପ୍ରେରିତ ରାଷ୍ଟ୍ରବାଦର ବହ୍ନି।

ଆଡ଼ଭୋକେଟ
ଖଟବିନସାହି, କଟକ
ମୋ-୯୪୩୭୦୧୬୩୮୪

## ସିଂହାସନ ଷଡ଼ଯନ୍ତ୍ର (୧ମ ପୃଷ୍ଠାର ଅବଶିଷ୍ଟାଂଶ...)

ରାଜନୈତିକ ଗୋଟିଚାଳନା କୁହାଯିବ ତେବେ ନବୀନବାବୁଙ୍କ ଗୋଟିଚାଳନାକୁ ଷଡ଼ଯନ୍ତ୍ର କାହିଁକି କହିବା? ଆମ ଦେଶରେ ଆଜି ରାଜନୀତି ବିଚାରଧାରା ବଦଳରେ ବ୍ୟକ୍ତିକେନ୍ଦ୍ରିକ ହୋଇଯାଇଛି। ଦଳମାନେ ମଧ୍ୟ ସରକାରକେନ୍ଦ୍ରିକ ହୋଇଯାଇଛନ୍ତି। ପ୍ରାଇଭେଟ୍ କମ୍ପାନୀ ଭଳି ସମସ୍ତ ଦଳର ଶୀର୍ଷ ବ୍ୟକ୍ତି ମାଲିକ ଏବଂ ଅନ୍ୟ କର୍ମକର୍ତ୍ତା ଚାକରରେ ପରିଣତ ହୋଇଛନ୍ତି। ମାଲିକର ଚାମରସେବା ଓ ଚରଣ ବନ୍ଦନା ବ୍ୟତୀତ କେବେ ବି ତାଙ୍କ ମାଲିକାନା କିମ୍ବା ମାମଲତିକୁ ପ୍ରଶ୍ନ କଲେ ଶୃଙ୍ଖଳା ନାମରେ ଦଳରୁ ବିଦା ହେବା ପରମ୍ପରା ହୋଇଯାଇଛି। ସେତୃଷ୍ଟିରୁ ଅରବିନ୍ଦଙ୍କୁ ନିଲମ୍ବନ କରି ନବୀନବାବୁ ଗୋଟେ ଗୁରୁଚଣ୍ଡାଳ ଦୋଷ କରି ପକେଇ ନାହାନ୍ତି। ଶେଷରେ ଏତିକି କୁହାଯାଇପାରେ କି ନବୀନବାବୁଙ୍କ ଅସୁସ୍ଥତା ଏବଂ ପାରିବାରିକ ଉତ୍ତରାଧିକାରୀ ନଥିବା ପରିପ୍ରେକ୍ଷୀରେ ବିଜୁ ଜନତାଦଳର ବିଘଟନ ସ୍ପଷ୍ଟ। ଦଳର ସଫଳତାର ସମସ୍ତ ଶ୍ରେୟ ଯଦି ନବୀନବାବୁଙ୍କର, ତେବେ ବିଘଟନ ପାଇଁ ମଧ୍ୟ ଦୋଷ ତାଙ୍କୁ ହିଁ ଦିଆଯିବ। ତେବେ ଏବେବି ବିଜୁ ଜନତା ଦଳ ରାଜ୍ୟର ସର୍ବାଧିକ ମତପ୍ରାପ୍ତ ଏବଂ ସାମଗ୍ରିକ ଭାବେ ସୁଦୃଢ଼ ସଂଗଠନ ଥିବା ଦଳ। କିନ୍ତୁ ନବୀନବାବୁଙ୍କ ଅବର୍ତ୍ତମାନରେ ଯଦି ଏହାର ପରପିଢ଼ିର ନେତୃତ୍ୱ ଦଳକୁ ଆଗେଇ ନେବାରେ ବିଫଳ ହେଉଛନ୍ତି ତାହା ସେମାନଙ୍କ ବିଫଳତା ଏବଂ ବିଡ଼ମ୍ବନା। ଏହାର ପରିଣାମରେ କଂଗ୍ରେସ ଦଳ ଦୃଢ଼ ହେବ ନଚେତ୍ ଅନ୍ୟ ଏକ ଆଞ୍ଚଳିକ ଦଳ ସୃଷ୍ଟି ହୋଇ ରାଜନୈତିକ ଶୂନ୍ୟସ୍ଥାନ ପୂରଣ କରିବେ। ଓଡ଼ିଶାରେ କଂଗ୍ରେସର ଗୋଷ୍ଠୀକନ୍ଦଳ, ସମ୍ବଳର ଅଭାବ ଓ ଲୋକଙ୍କର ଅନାସ୍ଥାକୁ ଦେଖିଲେ ଏହି ଦଳ ମଧ୍ୟ ନିକଟ ଭବିଷ୍ୟତରେ ଲୋକଙ୍କ ଆସ୍ଥାଭାଜନ ହେବାଭଳି ଲାଗୁନାହିଁ। ଅପରପକ୍ଷରେ ଯଦିଓ ଏକ ଆଞ୍ଚଳିକ ଦଳର ଆବଶ୍ୟକତା ରହିଛି, ପରିତ୍ୟକ୍ତ ପରିଣତ ବୟସ୍କ ନେତାମାନଙ୍କୁ ନେଇ ଏହା ସଫଳ ହୋଇ ପାରିବ ନାହିଁ। ବିଜୁ ଜନତା ଦଳରେ ଥିବା ଜେନ-ଜି'ମାନେ ନିଜ ଭିତରୁ କିମ୍ବା ନବୀନ ବାବୁଙ୍କ ପରିବାରରୁ କାହାକୁ ଆଣି ନେତୃତ୍ୱ ଦିଅନ୍ତୁ। ଏହାହିଁ ଶ୍ରେଷ୍ଠ ବିକଳ୍ପ ହୋଇପାରିବ।






କାର୍ତ୍ତିକ ଚନ୍ଦ୍ର ପଣ୍ଡା

ସାଧୁମହାତ୍ମା ଜଣଙ୍କ ସମ୍ପୂର୍ଣ୍ଣ ଭାବେ ନିଜ ଜୀବନକୁ ମାନବ ସେବାରେ ଉତ୍ସର୍ଗ କରିଥିଲେ। ଦୀର୍ଘ ଦିନର ତପସ୍ୟାରୁ ଫେରି, ସେ ଏକ ଆଶ୍ରମରେ ଦୀନହିନ ଭାବେ ଜୀବନ ଯାପନ କରିବାକୁ ଲାଗିଲେ । ସେ ଭିକ୍ଷା ମାଗିବାକୁ ଯାଉ ନଥିଲେ, କୌ ?ଣସି ଦାନ ମଧ୍ଯ ଗ୍ରହଣ କରୁନଥିଲେ । ଯିଏ ଯାହା ଦେଉଥିଲା, ତାକୁ ଭଗବାନଙ୍କ ପ୍ରସାଦ ଭାବି ଶ୍ରଦ୍ଧା ପୂର୍ବକ ଭୋଜନ କରୁଥିଲେ ।

ମୋକ୍ଷ ତାଙ୍କ ଜୀବନର ଅନ୍ତିମ ଲକ୍ଷ୍ୟ ଥିଲା। ଦୀର୍ଘ ଦିନର ସାଧନା ଦ୍ୱାରା ସେ ଆତ୍ମା, ପରମାତ୍ମାର ଗୁଢ଼ ରହସ୍ୟ ବୁଝିବାକୁ ସମର୍ଥ ହୋଇଥିଲେ । କ୍ରମଶଃ ତାଙ୍କର ଖ୍ୟାତି ବ୍ୟାପିବାକୁ ଲାଗିଲା ଓ ଲୋକମାନେ ସ୍ୱତଃ ତାଙ୍କର ଆଶୀର୍ବାଦ ନେବାକୁ ଆସିଲେ । ପ୍ରତ୍ୟେକ ଦିନ ତାଙ୍କ ଆଶ୍ରମ ସମ୍ମୁଖରେ ଭିଡ଼ ଜମିବାକୁ ଲାଗିଲା । ଭକ୍ତମାନଙ୍କ ଆଗ୍ରହ ଦେଖି ସେ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ ଦେବାକୁ ଆରମ୍ଭ କଲେ ।

ତେବେ ସାଧୁ ମହାତ୍ମାଙ୍କର ଏକ ସମସ୍ୟା ଥିଲା । ତାଙ୍କ ଆଶ୍ରମର ଠିକ୍ ସମ୍ମୁଖରେ, ରାସ୍ତାର ଅପର- ପାର୍ଶ୍ୱରେ, ଏକ ଗଣିକା ରହୁଥିଲା । ଦୀର୍ଘ ଦିନରୁ ସେ ତାର ବ୍ୟବସାୟ ଚଳାଇ ଆସୁଥିଲା । ଭକ୍ତମାନଙ୍କ ଠାରୁ ସବୁ ଶୁଣି ସାଧୁ ବ୍ୟଥିତ ହେଲେ । କାରଣ ସାଧୁଙ୍କ ପ୍ରବଚନ ଓ ଗଣିକାର ବ୍ୟବସାୟ ସମୟ ନିର୍ଘଣ୍ଟ ଏକା ଥିଲା । ଆଶ୍ରମକୁ ଆସୁଥିବା ଭକ୍ତମାନେ ସାଧାରଣ ବର୍ଗର ହୋଇଥିଲା ବେଳେ ଗଣିକା ପାଖକୁ ସମ୍ଭ୍ରାନ୍ତ ଶ୍ରେଣୀର ଲୋକମାନେ ଆସୁଥିଲେ । ସେମାନଙ୍କ ମଧ୍ୟରେ ଅନେକ ରାଜ କର୍ମଚାରୀ ମଧ୍ୟ ଥିଲେ ।

ଅନେକ ଦିନ ଏସବୁ ଦେଖିଲା ପରେ, ଦିନେ ସାଧୁ ଗଣିକାକୁ ନିଜ ଆଶ୍ରମକୁ ଡକାଇଲେ । ଦେହ-ବ୍ୟବସାୟ ଜନିତ ପାପରୁ ତାକୁ ନିବୃତ୍ତ କରି, ଅଧ୍ୟାତ୍ମିକ ମାର୍ଗରେ ଚାଲିବାକୁ ପ୍ରବର୍ତ୍ତାଇବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସାଧୁଙ୍କ ନିର୍ଦ୍ଦେଶ ପାଇଁ ଗଣିକା ସାଧୁଙ୍କ ସମ୍ମୁଖରେ ପ୍ରଣିପାତ ପୂର୍ବକ ନତ ମସ୍ତକ ହୋଇ ଦଣ୍ଡାୟମାନ ହେଲା । ସାଧୁ ଯେତେବେଳେ ତାକୁ ପୁତ୍ରୀ ସମ୍ବୋଧନ କରି ଆଶୀର୍ବାଦ ଦେଲେ, ତା ଆଖିରୁ ଧାରଧାର ଲୁହ ଗଡ଼ିବାକୁ ଲାଗିଲା ।

ସାଧୁ ଗଣିକାକୁ ଆତ୍ମା, ପରମାତ୍ମା ଓ ମୋକ୍ଷର ମାର୍ଗ ବୁଝାଇଲେ । ଯେହେତୁ ଜୀବନ ଓ ଯୌବନ କ୍ଷଣସ୍ଥାୟୀ, ଦୈହିକ ସୁଖରୁ ନିବୃତ୍ତ ହୋଇ, ଆଧ୍ୟାତ୍ମିକ ମାର୍ଗ ଅନୁସରଣ କରିବାକୁ ପରାମର୍ଶ ଦେଲେ । ଗଣିକା ସାଧୁଙ୍କୁ କିଛି କହିଲା ନାହିଁ । ସାଧୁଙ୍କୁ ପ୍ରଣାମ କରି ଛଳଛଳ ଆଖିରେ ପ୍ରସ୍ଥାନ କଲା । ତାର ଏତାଦୃଶ୍ୟ ବ୍ୟବହାରରେ ସାଧୁ ଖୁସି ହେଲେ ଓ ତାଙ୍କ ମହତ ବାଣୀ ଦ୍ୱାରା ସେ ଜଣଙ୍କର ଚରିତ୍ରକୁ ପରିବର୍ତ୍ତନ କରି ପାରିଛନ୍ତି ବୋଲି ଆତ୍ମ ସନ୍ତୋଷ ଲାଭକଲେ ।

ପରଦିନ ସେହି ଏକା ଘଟଣାର ପୁନରାବୃତ୍ତି ଘଟିଲା । ସାଧୁ ଲକ୍ଷ୍ୟ କଲେ ଯେ ଗଣିକା ବେଷଭୂଷା ହୋଇ ପୂର୍ବଭଳି ଗ୍ରାହକଙ୍କ ଅପେକ୍ଷାରେ ଠିଆ ହୋଇଛି । ସାଧୁ ଚିନ୍ତିତ ହେଲେ । ଆଶ୍ରମକୁ ଆସୁଥିବା ଭକ୍ତମାନେ ଗଣିକାର ରୂପ ଯୌବନରେ ସମ୍ମୋହିତ ହୋଇ ବିପଥଗାମୀ ହେବାର ଭୟ ତାଙ୍କୁ ଘାରିଲା କିନ୍ତୁ ତାଙ୍କର ଆଉ କିଛି କରିବାର ନଥିଲା । ତାଙ୍କର ଆଶଙ୍କା ମଧ୍ୟ ସତ୍ୟ ପ୍ରମାଣିତ ହେଲା ।

ତାଙ୍କର ଅନୁଗାମୀଙ୍କ ମଧ୍ୟରୁ କେତେକ ଆଉ ଆଶ୍ରମକୁ ନଆସି ବେଶ୍ୟାଳୟକୁ ଗମନ କଲେ । କ୍ରମଶଃ ସାଧୁ ମହାତ୍ମାଙ୍କର ଅନୁଗାମୀଙ୍କ ସଂଖ୍ୟା କମିଲା ଓ ଗଣିକାର ବ୍ୟବସାୟ ବଢିବାକୁ ଲାଗିଲା । ସାଧୁ ବ୍ୟଥିତ ହେଲେବି ଏହା ବୋଧେ ଈଶ୍ୱରଙ୍କ ଇଚ୍ଛା ଭାବି ନିରବ ରହିଲେ । ଆଶ୍ରମ ସମ୍ମୁଖରେ ବେଶ୍ୟାଳୟଟି ଥିବାରୁ ସେଠାକୁ ଆସୁଥିବା ସମସ୍ତ ବ୍ୟକ୍ତିଙ୍କୁ ସେ ଦେଖି ପାରୁଥିଲେ । ସାଧୁ କିନ୍ତୁ ଦୃଢ଼ମନା ଥିଲେ । ଯେମିତି ହେଉ ଗଣିକାର ହୃଦୟ ପରିବର୍ତ୍ତନ କରବାକୁ ସେ ଦୃଢ ପରିକର ଥିଲେ । ସେ ଏକ ନୂଆ ଉପାୟ ପାଞ୍ଚିଲେ ।

ଗଣିକା ଗୃହ ଭିତରକୁ ଗ୍ରାହକଟିଏ ପ୍ରବେଶ କଲା ମାତ୍ରେ, ସାଧୁ ଏହାର ହିସାବ ରଖିବା ପାଇଁ ଏକ ଗୋଡି ରଖିଲେ । ବେଶ୍ୟାଳୟକୁ ପ୍ରବେଶ କରୁଥିବା ସମସ୍ତ ବ୍ୟକ୍ତିଙ୍କର ସଂଖ୍ୟା ଗୋଡି ମାଧ୍ୟମରେ ଗଣିବା ଦ୍ୱାରା ଅଳ୍ପ ଦିନ ଭିତରେ ଗୋଡିର ଗଦା ପୂର୍ଣ୍ଣ ହୋଇଗଲା । ସାଧୁ ଗଣିକାକୁ ଆଉ ଥରେ ଆଶ୍ରମକୁ ଡ଼ାକି ସେ ଗୋଡିଗଦାକୁ ଦେଖାଇଲେ ଓ କହିଲେ, ପପ‘ ଏହି ଗୋଡି ଗଦା ହେଉଛି ତୋର ପାପର ପ୍ରତୀକ ଓ ତୋର ନର୍କକୁ ଯିବା ସୁନିଶ୍ଚିତ‘ । ପୂର୍ବ ଭଳି ଗଣିକା କିଛି କହିଲା ନାହିଁ । ସାଧୁଙ୍କୁ ପ୍ରଣିପାତ ପୂର୍ବକ କାନ୍ଦିକାନ୍ଦି ଘରକୁ ଫେରିଲା ।

ଏହାର କିଛି ଦିନ ପରେ ସଂଯୋଗବଶତଃ ସାଧୁ ଓ ଗଣିକା ଉଭୟଙ୍କ ଏକା ସମୟରେ ମୃତ୍ୟୁ ଘଟିଲା । ଯମଦୂତ ଆସି ଦୁଇ ଜଣଙ୍କୁ ନେଇ ଯମଙ୍କ ଦରବାରରେ ହାଜର କରାଇଲେ । କର୍ମଫଳ ଆଧାରରେ , ସାଧୁଙ୍କୁ ନର୍କ ଓ ଗଣିକାକୁ ସ୍ୱର୍ଗ ପ୍ରାପ୍ତିର ଆଦେଶ ମିଳିଲା । ସାଧୁ ଏହାର ଦୃଢ ବିରୋଧ କଲେ । ସେ ଜୀବନରେ କୌଣସି ପାପ କରି ନାହାନ୍ତି । ତେବେ ତାଙ୍କୁ ନର୍କ କାହିଁକି ? ଅନ୍ୟ ପକ୍ଷରେ ଗଣିକାକୁ ବା କିପରି ସ୍ୱର୍ଗ ପ୍ରାପ୍ତି ହେବ ?

ଚିତ୍ରଗୁପ୍ତ ଗୋଡିଗଦାଟିକୁ ସାଧୁଙ୍କୁ ଦେଖାଇ କହିଲେପ‘ ଏହା ହିଁ ଆପଣଙ୍କର ଏକମାତ୍ର ପାପ । ଯେତେବେଳେ ଗଣିକାଟି ଅତ୍ୟନ୍ତ ନିଷ୍ଠାର ସହ ତାର ଦାୟିତ୍ୱ ନିର୍ବାହ କରୁଥିଲା, ସେତେବେଳେ ଆପଣ ନିଜ କର୍ତ୍ତବ୍ୟ ଭୁଲି, ଗୋଡି ଗଣିବାରେ ବ୍ୟସ୍ତ ଥିଲେ’ ।

– ଭୁବନେଶ୍ୱର

*ମୋବାଇଲ୍ - ୭୯୭୮୪୨୦୪୯୩*

---

## ବୟସ କମ୍ ଦର୍ଶାଇ ଚାକିରିରୁ ବାହାର କରିବା ମାମଲା

# ୬ ସପ୍ତାହ ମଧ୍ୟରେ ପୁନଃ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ

**କଟକ (ଭିଓଭି) :** ନିଯୁକ୍ତି ସମୟରେ ବୟସ କମ୍ ଥିବା ଦର୍ଶାଇ ଜଣେ କର୍ମଚାରୀଙ୍କୁ ଚାକିରିରୁ ବାହାର କରିଦେବା ମାମଲାରେ ଓଡ଼ିଶା ହାଇକୋର୍ଟ କର୍ତ୍ତୃପକ୍ଷଙ୍କ ଭୁଲ୍ ପାଇଁ ଜଣେ ନିର୍ଦ୍ଦୋଷ ପ୍ରାର୍ଥୀଙ୍କୁ ଦଣ୍ଡିତ କରାଯାଇପାରିବ ନାହିଁ ବୋଲି କହିଛନ୍ତି । କେନ୍ଦ୍ର ସରକାରଙ୍କ ରିଟ୍ ପିଟିସନ୍‌କୁ ଖାରଜ କରି ଜଷ୍ଟିସ୍ ଦୀକ୍ଷିତ କୃଷ୍ଣ ଶ୍ରୀପଦ ଓ ଜଷ୍ଟିସ୍ ତିତ୍ତ ରଞ୍ଜନ ଦାଶ ଏହା କହିବା ସହ ୬ ସପ୍ତାହ ମଧ୍ୟରେ ଆବେଦନକାରିଣୀଙ୍କୁ ପୁନଃ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଆବେଦନକାରିଣୀ ୨୦୧୪ ମସିହାରେ କେନ୍ଦ୍ର ସରକାରଙ୍କ ଅଧୀନରେ ନିଯୁକ୍ତି ପାଇଥିଲେ । ସେହି ସମୟରେ ତାଙ୍କର ବୟସ ୧୭ ବର୍ଷ ୯ ମାସ ଥିଲା, ଯେତେବେଳେ କି ସର୍ବନିମ୍ନ ବୟସ ସୀମା ୧୮ ବର୍ଷ ରହିଥିଲା । ଚାକିରି ପାଇବାର ଦୁଇବର୍ଷ ପରେ ୨୦୧୬ରେ ତାଙ୍କୁ ବୟସ କମ୍ ଥିବା ଦର୍ଶାଇ କାର୍ଯ୍ୟରୁ ଅନ୍ତର କରାଯାଇଥିଲା । ଏହା ବିରୋଧରେ ସେ କ୍ୟାଟଙ୍କ ଦ୍ୱାରସ୍ଥ ହୋଇଥିଲେ । କ୍ୟାଟ ତାଙ୍କ ସପକ୍ଷରେ ରାୟ ଦେଇଥିଲେ । ଏହି ରାୟକୁ କେନ୍ଦ୍ର ସରକାର ହାଇକୋର୍ଟରେ ଚାଲେଞ୍ଜ କରିଥିଲେ । ଅଦାଲତ କହିଛନ୍ତି ଯେ, ଆବେଦନକାରିଣୀ ନିଜର ମାଟ୍ରିକ୍ ପ୍ରମାଣପତ୍ର ସହ ସମସ୍ତ ପ୍ରମାଣପତ୍ର ପ୍ରଦାନ କରିଥିଲେ, ଯେଉଁଥିରେ ତାଙ୍କ ଜନ୍ମ ତାରିଖ ଉଲ୍ଲେଖ ଥିଲା । ଯଦି ମନୋନୟନ କର୍ତ୍ତୃପକ୍ଷ ପ୍ରମାଣପତ୍ର ଯାଞ୍ଚ କରିବାରେ ଅବହେଳା କରିଥିଲେ ତେବେ ସେଥିପାଇଁ କର୍ମଚାରୀଙ୍କୁ ଦାୟୀ କରାଯାଇପାରିବ ନାହିଁ । ସୂଚନାଯୋଗ୍ୟ, ଆବେଦନକାରିଣୀଙ୍କ ତରଫରୁ ଆଇନଜୀବୀ ଚଣ୍ଡୀପ୍ରସାଦ ସାହାଣୀ ମାମଲାଟିକୁ ପରିଚାଳନା କରୁଥିଲେ ।

---

# ପାଞ୍ଚଥର ଟ୍ରାଫିକ୍ ନିୟମ ଭାଙ୍ଗିଲେ ରଦ୍ଦ ହେବ ଲାଇସେନ୍ସ



**ଭୁବନେଶ୍ୱର (ଭିଓଭି) :** ସଡ଼କ ସୁରକ୍ଷାକୁ ନେଇ ପ୍ରତିଥର କେନ୍ଦ୍ର ସରକାର ନୂଆ ନୂଆ ନିୟମ ଆଣୁଛନ୍ତି । କିପରି ଦୁର୍ଘଟଣକୁ ରୋକିହେବ ସେ ଦିଗରେ ଗୁରୁତ୍ୱ ଦିଆଯାଉଛି । ତଥାପି ଅମାନିଆଙ୍କୁ ସାବାଡ଼ କରିହେଉନି । ହେଲମେଟ୍ ନପିନ୍ଧିଲେ ଫାଇନ୍, ସିଟ୍ ବେଲ୍ଟ ନବାନ୍ଧିଲେ ଫାଇନ୍, ମଦ ପିଇ ଗାଡ଼ି ଚଳାଇଲେ ଫାଇନ୍, ରଙ୍ଗ୍ ରୁଟ୍‌ରେ ଗାଡ଼ି ଚଳାଇଲେ ଫାଇନ୍ ଭଳି ଅନେକ ଟ୍ରାଫିକ୍ ନିୟମ ଆଣିଛନ୍ତି ସରକାର । ତଥାପି ଲୋକେ ଚେତୁନାହାନ୍ତି ।

କିନ୍ତୁ ଅମାନିଆଙ୍କୁ ସାବାଡ଼ କରିବା ପାଇଁ କେନ୍ଦ୍ର ସରକାର ଆଉ ଏକ ନୂଆ ନିୟମ ଆଣିଛନ୍ତି । ଏହା ଜାନୁଆରୀ ୧ ତାରିଖରୁ ଲାଗୁ ମଧ୍ୟ ହୋଇସାରିଛି । ନୂତନ ସଂଶୋଧିତ ମୋଟର ଯାନ ନିୟମ ଅନୁଯାୟୀ, ଗୋଟିଏ ବର୍ଷରେ ପାଞ୍ଚଥର ଟ୍ରାଫିକ୍ ନିୟମ ଉଲ୍ଲଂଘନ କଲେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବ । ଜାନୁଆରୀ ପହିଲା ୨୦୨୬ରୁ କାର୍ଯ୍ୟକାରୀ ହେଉଥିବା ଏହି ନିୟମର ଲକ୍ଷ୍ୟ ହେଉଛି ବାରମ୍ବାର ନିୟମ ଉଲ୍ଲଂଘନ କରୁଥିବା ଡ୍ରାଇଭରମାନଙ୍କୁ ରୋକିବା ଏବଂ ସଡ଼କ ଦୁର୍ଘଟଣା ହ୍ରାସ କରିବା । ଯଦି କୌଣସି ବ୍ୟକ୍ତି ୫ଥର କିମ୍ବା ତା’ଠରୁ ଅଧିକ ଥର ଟ୍ରାଫିକ୍ ନିୟମ ଉଲଂଘନ କରେ ତେବେ ତାଙ୍କୁ ଡ୍ରାଇଭିଂ ଲାଇସେନ୍ସ ରଖିବା ପାଇଁ ଅଯୋଗ୍ୟ ଘୋଷଣା କରାଯିବ । ତାଙ୍କର ଲାଇସେନ୍ସ ରଦ୍ଦ କରାଯିବ । କିନ୍ତୁ ଲାଇସେନ୍ସ ରଦ୍ଦ ହେବା ପୂର୍ବରୁ ଡ୍ରାଇଭରଙ୍କୁ ତାଙ୍କ ପକ୍ଷ ରଖିବା ପାଇଁ ଗୋଟିଏଥର ସୁଯୋଗ ଦିଆଯିବ । ଏହାର ଅର୍ଥ ହେଉଛି ଆର୍‌ଟିଓ କିମ୍ବା ଡିଟିଓ ସିଧାସଳଖ ଲାଇସେନ୍ସ ରଦ୍ଦ କରିବେ ନାହିଁ, ବରଂ ପ୍ରଥମେ ଏକ ଶୁଣାଣି କରିବେ । ପରେ ଲାଇସେନ୍ସ ରଦ୍ଦ କରିବେ । ଏହି ନିୟମରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ପୂର୍ବ ବର୍ଷଗୁଡ଼ିକର ପୁରୁଣା ଟ୍ରାଫିକ୍ ଉଲ୍ଲଂଘନ ରେକର୍ଡ ଅନ୍ତର୍ଭୁକ୍ତ ହେବ ନାହିଁ । କେବଳ ସେହି ବର୍ଷର ରେକର୍ଡ ଗଣନା କରାଯିବ ।

ଏହି ନିୟମରେ ସ୍ପଷ୍ଟ କରାଯାଇଛି ଯେ ସରକାର ବର୍ତ୍ତମାନ ୨୪ ଟି ଟ୍ରାଫିକ୍ ନିୟମ ଉଲ୍ଲଂଘନକୁ ସୂଚିତ କରୁଛନ୍ତି । ଗୋଟିଏ ବର୍ଷ ମଧ୍ୟରେ ଏହି ନିୟମ ଉଲ୍ଲଂଘନ ମଧ୍ୟରୁ ପାଞ୍ଚଟି ନିୟମ ଲାଇସେନ୍ସ ରଦ୍ଦର କାରଣ ହୋଇପାରେ । ଏଥିରେ କେବଳ ବଡ଼ ଟ୍ରାଫିକ୍ ନିୟମ ଉଲ୍ଲଂଘନ ନୁହେଁ, ବରଂ ଛୋଟ ନିୟମ ଉଲ୍ଲଂଘନ ମଧ୍ୟ ଅନ୍ତର୍ଭୁକ୍ତ । ଏହାର ଅର୍ଥ ହେଉଛି ବାରମ୍ବାର ହେଲମେଟ୍ ନପିନ୍ଧିବା, ସିଟ୍ ବେଲ୍ଟ ନପିନ୍ଧିବା କିମ୍ବା ସିଗନାଲ ଭାଙ୍ଗିବା ଭଳି ଛୋଟ ନିୟମ ଉଲ୍ଲଂଘନ ମଧ୍ୟ ଅନ୍ତର୍ଭୁକ୍ତ ।

# ସଂ ପା ଦ କୀ ୟ

## ପ୍ରଫେସର ଭବେନ୍ଦ୍ର ପଟ୍ଟନାୟକ

ଅନୁଭବ ଓ ଅନୁଭୂତି ସର୍ବଦା ମଣିଷକୁ ଗୁରୁମନ୍ତ୍ର ସଦୃଶ ଶିକ୍ଷା ଦେଇଥାଏ ଓ ନିଜର କର୍ତ୍ତବ୍ୟ ପରାୟଣତା ବିଷୟରେ ସଚେତନ କରିଦେଇଥାଏ। ଆଜିର ଏହି ଶୀର୍ଷକରେ ଲେଖାଥିବା ନାମଟି ମୋ ପାଇଁ କେବଳ ଅନୁଭୂତି କିମ୍ବା ସ୍ମୃତି ନୁହେଁ ଏହା ମୋ ପାଇଁ ଏକ ଅଭୁଲା ସ୍ମୃତି। ୨୦୦୨ ମସିହାର କଥା, ନୂଆ କରି ମୁଁ ଏକ ଜୀବନବୀମା କମ୍ପାନୀର ବୀମା ପରାମର୍ଶଦାତା ଭାବେ କାମ ଆରମ୍ଭ କରିଥାଏ। କମ୍ପାନୀ ମଧ୍ୟ ନୂଆ ହୋଇଥିବାରୁ ନିଜର ବ୍ୟବସାୟ ବୃଦ୍ଧି ନିମିତ୍ତ ଖବର କାଗଜ ମାଧ୍ୟମରେ ବିଜ୍ଞାପନ ପ୍ରକାଶ କରୁଥାନ୍ତି। ସେହି ବିଜ୍ଞାପନ ଦେଖି ପ୍ରଫେସର ଭବେନ୍ଦ୍ର ପଟ୍ଟନାୟକ ନାମକ ଜନୈକ ବ୍ୟକ୍ତି ନିଜ ନାମରେ କିଛି ବୀମା ଉତ୍ପାଦ କ୍ରୟ କରିବା ପାଇଁ ଶାଖା ପରିଚାଳକଙ୍କୁ ଫୋନ୍ କରିଥିଲେ। ମାର୍ଚ୍ଚ ମାସ ସମୟ ବୀମା ଉତ୍ପାଦ ବିକ୍ରି ପାଇଁ ଭଲ ମାସ ହୋଇଥିବାରୁ ସେଦିନ ମୁଁ ଟିକେ ସଅଳ ଅଫିସକୁ ଆସି ଯାଇଥାଏ। ଶୀଘ୍ର ଅଫିସ ପହଞ୍ଚିଥିବାରୁ ଶାଖା ପରିଚାଳକ ସୁବ୍ରତ ମହାନ୍ତି ମୋତେ ଡାକି ଅନୁସନ୍ଧାନ କରିଥିବା ପ୍ରଫେସର ପଟ୍ଟନାୟକଙ୍କ ସେହି ଲ୍ୟାଣ୍ଡ ଲାଇନ ନମ୍ବରଟି ଦେଇ କହିଲେ ତାଙ୍କୁ ଯାଇ ଦେଖାକର। ନମ୍ବରଟି ପାଇଥିବାରୁ ମୁଁ ଶାଖା ପରିଚାଳକଙ୍କୁ ଧନ୍ୟବାଦ ଦେଇଥିଲି। ଜୀବନବୀମା ଉତ୍ପାଦ ବିକ୍ରି କରିବା ସବୁଠାରୁ କଷ୍ଟସାଧ୍ୟ ବିଷୟ । କାରଣ ତାହା କେହି ନିଜ ତରଫରୁ କିଣି ନଥାନ୍ତି। ତାହା ଚିହ୍ନା, ପରିଚୟ ଓ ଜଣାଶୁଣା ସମ୍ପର୍କ ମଧ୍ୟରେ ବହୁତ ପ୍ରକାର ବୁଝାବୁଝି ପରେ ବିକ୍ରି କରାଯାଇଥାଏ। ଏତେ ସକାଳୁ ନିଜ ତରଫରୁ ବୀମା ଉତ୍ପାଦ କିଣିବା ପାଇଁ ଜଣେ କିଏ ଅଫିସକୁ କଲ୍ କରିବା ଓ ଶାଖା ପରିଚାଳକ ମତେ ଡାକି ସେହି ନମ୍ବରଟି ଦେବା ମତେ କାହିଁକି ଅଜବ ଲାଗିବା ସହିତ ବିଶ୍ୱାସ ମଧ୍ୟ ହେଉ ନଥାଏ। ନମ୍ବରଟି ନେଇ ମୁଁ ପାଖ ପିସିଓ ବୁଥକୁ ଯାଇ ତାହା ସତ୍ୟ ନା ନାହିଁ ଜାଣିବା ପାଇଁ ଫୋନ୍ କଲି। ସେପଟୁ ଗମ୍ଭୀର ସ୍ୱରରେ ଶୁଭିଲା ପ୍ରଫେସର ଭବେନ୍ଦ୍ର ପଟ୍ଟନାୟକ ସ୍ପିକିଂ। ତାଙ୍କର ଗୁରୁଗମ୍ଭୀର ସ୍ୱର ସହ ସ୍ପଷ୍ଟ ଇଂରାଜୀ ଉଚ୍ଚାରଣ ମତେ ପ୍ରଭାବିତ କଲା ଓ ମୁଁ ନିଶ୍ଚିତ ହୋଇ ଯାଇଥିଲି ଯେ ଶାଖା ପରିଚାଳକ ଦେଇଥିବା ଫୋନ୍ ନମ୍ବରଟି ଠିକ୍ ଅଛି। ତାଙ୍କୁ ମୁଁ ମୋର ପରିଚୟ ଓ ଆପଣ କମ୍ପାନୀକୁ ଫୋନ୍ କରିଥିବା କଥା ଜଣାଇବା ପରେ ସେ ନିଜର ସମ୍ମତି ଜଣାଇ ତାଙ୍କର ବିଜେବି ନଗର ଘରର ଠିକଣା ସହିତ ସମୟ ଦେଇଥିଲେ। ନିର୍ଦ୍ଧାରିତ ସମୟର ପାଞ୍ଚ ମିନିଟ ପୂର୍ବରୁ ମୁଁ ଯାଇ ପହଁଚିଲା ବେଳକୁ ପ୍ରଫେସର ପଟ୍ଟନାୟକ ମଧ୍ୟାହ୍ନଭୋଜନ ପାଇଁ ପ୍ରସ୍ତୁତ ହେଉଥାଆନ୍ତି। ମୁଁ ଟିକେ ପୂର୍ବରୁ ପହଞ୍ଚି ଯାଇଥିବାରୁ ଦୁଃଖ ପ୍ରକାଶ କଲି ଓ ତାଙ୍କୁ ମଧ୍ୟାହ୍ନଭୋଜନ କରି ଆସନ୍ତୁ ବୋଲି ଅନୁରୋଧ କଲି। ସେ କିନ୍ତୁ ଥିଲେ ଅଜବ ମଣିଷ। ମୁଁ ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚିଥିବାରୁ ଖୁସି ବ୍ୟକ୍ତ କରିବା ସହିତ ନିଜ ହାତରେ ଲେମ୍ବୁ ସରବତ ପ୍ରସ୍ତୁତ କରି ମୋତେ ଦେଇଥିଲେ। ତା'ପରେ ଏକ ଫାଇଲ୍ ଭିତରୁ କମ୍ପାନୀ ନାମରେ ପୂର୍ବରୁ ଲେଖି ରଖିଥିବା ୨୫ହଜାର ଟଙ୍କାର ଏକ ଚେକ୍ ମୋତେ ପ୍ରଦାନ କଲେ। ମୋତେ ଏହା ବଡ ଆଶ୍ଚର୍ଯ୍ୟଚକିତ କଲା। ବିଶ୍ୱାସ ବି ହେଉ ନଥିଲା। ଚିହ୍ନାଜଣା ଲୋକମାନଙ୍କୁ ଅନେକ ବୁଝେଇଲା ପରେ ବି ସେମାନେ ବୀମା ପଲିସ୍ କରିବାକୁ ଆଗ୍ରହୀ ହେଉନଥିବା ବେଳେ ପ୍ରଫେସର ପଟ୍ଟନାୟକ ବୀମା ଉତ୍ପାଦ ବିଷୟରେ କିଛି ନବୁଝି ଆଗୁଆ ଚେକ୍ ଲେଖି ରଖିଛନ୍ତି। ତା'ପରେ ମୁଁ ଆବେଦନ ଫର୍ମ ପୂରଣ କରିବା କାମ କରି ଆବଶ୍ୟକୀୟ କାଗଜପତ୍ର ଓ ଫଟୋ ଇତ୍ୟାଦି ସଂଲଗ୍ନ କରି ବୀମା ଉତ୍ପାଦ କିଣିବାର ଉଦ୍ଦେଶ୍ୟ ବିଷୟରେ ପଚାରିଥିଲି, କାରଣ ତାହାକୁ ପ୍ରପୋଜାଲ ଫର୍ମରେ ପୂରଣ କରିବାକୁ ପଡ଼ିଥାଏ। ଉଦ୍ଦେଶ୍ୟ ବ୍ୟକ୍ତ କରିବାକୁ ଯାଇ ପ୍ରଫେସର ପଟ୍ଟନାୟକ କହିଥିଲେ ଯେ, ଏହି ନିବେଶରୁ ମୁଁ ଇନ୍‌କମ୍ ଟାକ୍ସ ସେକ୍ସନ ୮୦ (ଡି)ର ଲାଭ ନେବାକୁ ଚାହୁଁଛି। କେତେ ଟଙ୍କା ପ୍ରିମିୟମରୁ ସେକ୍ସନ ୮୦ (ଡି) ଲାଭ କେତେ ମିଳିବ ତାହା ମୋତେ ସେତେବେଳେ ଜଣା ନଥିବାରୁ ସମସ୍ତ କାଗଜ ପତ୍ର ଓ ଫର୍ମ ସହିତ ଅଫିସ ଆସି ମୁଁ ମୋର ସେତେବେଳର ସେଲସ୍ ଟିମ୍ ମ୍ୟାନେଜର ତ୍ରିଦୀବ ପଟ୍ଟନାୟକ (ଏବେ ପରଲୋକଗତ)ଙ୍କ ସହ ଆଲୋଚନା କରି ସମସ୍ତ ବୃତ୍ତାନ୍ତ କହିଥିଲି। ସବୁ ଶୁଣିବା ପରେ ତ୍ରିଦୀବ ଭାଇ କହିଥିଲେ ଯେ ପ୍ରଫେସର ପଟ୍ଟନାୟକଙ୍କ ବୟସ ଏବେ ଯେହେତୁ ୬୦ ହୋଇସାରିଛି ଆମେ ତାଙ୍କୁ ପ୍ରିମିୟମ ରାଶିର ୧୦ ଗୁଣା ଜୀବନ ବୀମା ଦେଇ ପାରିବା ନାହିଁ। ସେଥିପାଇଁ ସେ ଦେଇଥିବା ସମ୍ପୂର୍ଣ୍ଣ ୨୫ହଜାର ଟଙ୍କା ଉପରେ ସେକ୍ସନ ୮୦ (ଡି)ର ରିହାତି ପାଇବେ ନାହିଁ। କଥାଟି ଶୁଣି ସାରିବା ପରେ ମୋ' ମନଟା କାହିଁକି ଟିକେ ଖଟା ହୋଇଗଲା। ଗ୍ରାହକ ଜଣଙ୍କ ସହିତ ପ୍ରଥମ ପରିଚୟ, ସେଥିରେ ପୁଣି ମୋର ପରିଶ୍ରମ କିଛି ନାହିଁ, ଅଚାନକ ଯାଉ ଯାଉ ବିନା ଆଲୋଚନାରେ ବିଶ୍ୱାସର ସହିତ ଚେକ୍ ପ୍ରଦାନ କରିଛନ୍ତି। ସେହି ସବୁ କଥା ଭାବି ପୁନଃ ସନ୍ଧ୍ୟା ସମୟରେ ସାର୍‌ଙ୍କ ପାଖକୁ ଯାଇ ସମ୍ପୂର୍ଣ୍ଣ କଥା କହିବା ସହିତ ଏହି ନିବେଶ ଦ୍ୱାରା ଆପଣଙ୍କ ଉଦ୍ଦେଶ୍ୟ ପୂରଣ ହେଉନାହିଁ କହି ତାଙ୍କର ଚେକ୍ ଓ ସମସ୍ତ ଆବଶ୍ୟକୀୟ କାଗଜ ପତ୍ର ଫେରାଇ ଦେଇଥିଲି। ସବୁ ଶୁଣି ସାରିବା ପରେ ପ୍ରଫେସର ପଟ୍ଟନାୟକ ମୋତେ ଟିକେ ଅପେକ୍ଷା କରିବା ପାଇଁ କହି ନିଜ ହାତରେ ଚା' ପ୍ରସ୍ତୁତ କରିବା ପାଇଁ ଯାଇଥିଲେ। ଏପଟେ ମୁଁ ଡ୍ରଇଂରୁମ୍ ଏକା ବସି କେତେ କ'ଣ ଭାବୁ ଥାଏ। ବିନା ପରିଶ୍ରମରେ ବେପାରଟିଏ ମିଳିଥିବା ସକାଳର ଖୁସିଟା ସନ୍ଧ୍ୟାରେ ପାଣିଚିଆ ହୋଇଗଲା ବୋଲି ଭାବୁଥାଏ। ଚା' ପ୍ରସ୍ତୁତ କରି ସାରି ପ୍ରଫେସର ପଟ୍ଟନାୟକ ଚା' କପ୍ ସହିତ ନିଜର ଚେକ୍ ବହିଟି ଧରି ହସି ହସି ଆସି ମୋତେ ଚା' ପିଇବା ପାଇଁ କହିବା ସହିତ ମୋ ଠାରୁ ପୁରୁଣା ଚେକ୍‌ଟି ମାଗି ନେଇ ଆଉ ଗୋଟିଏ ନୂଆ ୧ଲକ୍ଷ ଟଙ୍କାର ଚେକ୍ ଲେଖି ମୋତେ ଧରାଇ ଦେଇଥିଲେ। ଆଉ କହିଥିଲେ ମିଶ୍ର ବାବୁ ମୁଁ ଦୁଇ ବର୍ଷ ହେଲା ଅବସର ନେଇସାରିଛି। ଅନେକ ବୀମା ପଲିସ୍ କରିଛି ଓ ଅନେକ ବୀମା ପରାମର୍ଶଦାତାମାନଙ୍କ ସହ ମିଶିଛି । କିନ୍ତୁ ଆପଣଙ୍କ ଭଳି ଅଜବ ଲୋକ ମୁଁ ଦେଖିନଥିଲି, ଯିଏ କି ଚେକ୍ ନେବା ପରେ ସେହି ନିବେଶରେ ଗ୍ରାହକର ଉଦ୍ଦେଶ୍ୟ ପୂରଣ ହେଉ ନାହିଁ ବୋଲି ଫେରାଇବାକୁ ଆସିଛି। ତେଣୁ ଏହି ନିବେଶରେ ମୋର ଉଦ୍ଦେଶ୍ୟ ପୂରଣ ହେଉ କି ନହେଉ ଆପଣ ୨୫ହଜାର ଜାଗାରେ ଆପଣଙ୍କ ଖୁସିରେ କିଛି ବି ଏକ ଉତ୍ପାଦ ୧ଲକ୍ଷ ଟଙ୍କାର ମୋ' ନାମରେ ନିବେଶ କରାଇ ଦିଅନ୍ତୁ। ଖୁସିରେ ମୋ' ମନ ଗଦଗଦ ହୋଇ ଯାଇଥିଲା। ପିଲାଦିନୁ ଗୁରୁଜନମାନଙ୍କ ଠାରୁ ଶୁଣିଥିବା କଥା ସଚ୍ଚୋଟତା ସହିତ ନିଜର କାମ କଲେ ଈଶ୍ୱର ଫଳ ପ୍ରଦାନ କରନ୍ତି କଥା ମନେ ପଡ଼ି ଯାଉଥିଲା। ତା' ପରେ ପରେ ପ୍ରଫେସର ପଟ୍ଟନାୟକ ନିଜର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଚାକିରି ଜୀବନର ଅନୁଭୂତି ଓ ଅବସର କାଳୀନ ଜୀବନର ଚମତ୍କାର ଅନୁଭୂତି ସବୁ ବର୍ଣ୍ଣନା କରିଥିଲେ। ସେହିଦିନୁ ତାଙ୍କ ସହ ମୋର ଏକ ପାରିବାରିକ ବନ୍ଧନ ସୃଷ୍ଟି ହୋଇଯାଇଥିଲା। ଆଜିର ଏହି ଶୀର୍ଷକ ମାଧ୍ୟମରେ ଗୋଟିଏ କଥା କହିବି ନିଷ୍ଠା ଓ ସଚ୍ଚୋଟତାର ସହିତ କୌଣସି ବି କାର୍ଯ୍ୟ କଲେ ତାହା ଅପାର ଆନନ୍ଦ ସହିତ ସଫଳତା ହିଁ ଆଣି ଦେଇଥାଏ।

---

ମୋକ୍ଷପର୍ବ ଉତ୍ତରାୟଣ

## ୭ ଭୀଷ୍ମଙ୍କ ମହାପ୍ରୟାଣ

ଅର୍ଜୁନୀ ଚରଣ ବେହେରା

ଭୀଷ୍ମ କହିଲେ,'ହେ ହୃଷିକେଶ ! ଆପଣ ସମସ୍ତ ଜଗତର ସ୍ୱାମୀ । ଆପଣଙ୍କୁ ଅଜଣା କଅଣ ଅଛି ଯେ ମୁଁ ଜ୍ଞାନୋପଦେଶ ଦେବି, କ୍ଷତବୀକ୍ଷତ ପୀଡ଼ା ଗତ ମୋର ଶରୀର ପାଇଁ ମୋର ମନବୁଦ୍ଧି କିଛି ସ୍ଥିର ନାହିଁ । ମୋର ବାକଶକ୍ତି ମଧ୍ୟ କ୍ଷୀଣ ହୋଇ ଯାଇଛି । ଏପରି ଅବସ୍ଥାରେ, ମୁଁ କିଛି ଉପଦେଶ ପ୍ରଦାନ ପାଇଁ ଅସମର୍ଥ ।' ଶ୍ରୀକୃଷ୍ଣ କହିଲେ, 'ହେ ପରନ୍ତପ !, ହେ ମହାଜ୍ଞାନୀ ! ଆପଣଙ୍କ ସମସ୍ତ ପୀଡ଼ା ଏହି ମୁହୂର୍ତ୍ତରେ ଦୂର ହୋଇଯିବ । ଆପଣଙ୍କ ମନ ମୃତ୍ୟୁ ପର୍ଯ୍ୟନ୍ତ ସ୍ଥିର ହୋଇ ରହିବ । ଆଜି ଠାରୁ ଛପନ ଦିନ ପରେ ଉତ୍ତରାୟଣ କାଳରେ ଆପଣ ଧରାଧାମରୁ ବିଦାୟ ନେବେ । ଆପଣ ଦିବ୍ୟ ଚକ୍ଷୁ ଲାଭ କରି, ସମସ୍ତ ବିଷୟ ମନନ ଓ ସ୍ମରଣ କରି ପାରିବେ । ଆଜି ସନ୍ଧ୍ୟା ଉପଗତ ପ୍ରାୟ, ଆମ୍ଭେ ଯାଉଛୁ କାଲି ପୁଣି ସାକ୍ଷାତ ହେବ ।'

ପରଦିନ ଶ୍ରୀକୃଷ୍ଣ ଓ ଯୁଧିଷ୍ଠିର କର୍ତ୍ତୃକ ଅନ୍ୟମାନେ ଯାଇ ପିତାମହଙ୍କ ଶରଶଯ୍ୟା ନିକଟରେ ଉପସ୍ଥିତ ହେଲେ । ଶ୍ରୀକୃଷ୍ଣ ପିତାମହଙ୍କ ସର୍ବ କୁଶଳ ପୁଛା କରନ୍ତେ ସେ କହିଲେ, 'ହେ ଅଚ୍ୟୁତ ! ଆପଣଙ୍କ ଅନୁଗ୍ରହରୁ ମୋର ସମସ୍ତ କଷ୍ଟ, ଦୁଃଖ ଏବଂ ଗ୍ଲାନି ଦୂର ହୋଇଛି । ବର୍ତ୍ତମାନ, ମୁଁ ଅତୀତ, ଭବିଷ୍ୟତ ସବୁକିଛି ଦେଖିପାରୁଛି । ଏବେ ଯୁଧିଷ୍ଠିରଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେବା ପାଇଁ ମୁଁ ସମର୍ଥ ।' ଶ୍ରୀକୃଷ୍ଣ କହିଲେ, 'ଯୁଦ୍ଧରେ ଜ୍ଞାତି କୁଟୁମ୍ବମାନଙ୍କୁ ବିନାଶ କରି ଯୁଧିଷ୍ଠିର ଅତ୍ୟନ୍ତ ଅନୁତପ୍ତ ଓ ଲଜ୍ଜିତ । ସେ ଅଭିଶାପ ଭୟରେ ଆପଣଙ୍କ ସମ୍ମୁଖକୁ ଆସିବାକୁ କୁଣ୍ଠାବୋଧ କରୁଛନ୍ତି ।' ପିତାମହ କହିଲେ, 'ସେ ନିଷ୍ପାପ, ଯୁଧିଷ୍ଠିର କ୍ଷାତ୍ରଧର୍ମ ପାଳନ କରିବାପାଇଁ ଯାଇ କେବଳ କର୍ତ୍ତବ୍ୟ ମାତ୍ର କରିଛନ୍ତି । ସତ୍ୟନିଷ୍ଠ ଧର୍ମଜ୍ଞ କୁନ୍ତୀ ନନ୍ଦନ ନିଃସଙ୍କୋଚ ହୋଇ ମୋତେ ପ୍ରଶ୍ନ ପଚାରନ୍ତୁ । ମୁଁ ମୋର ଯଥାଶକ୍ତି ବିଚାର ବୁଦ୍ଧି ଦ୍ୱାରା ତାଙ୍କର ସମସ୍ତ ସଂଶୟ ଦୂର କରିବି ।'

ତା' ପରେ ଯୁଧିଷ୍ଠିର ରାଜନୀତି, ଧର୍ମ ନୀତି, ଅର୍ଥ ନୀତି, ନ୍ୟାୟ, ଦଣ୍ଡ, ଭେଦ ଇତ୍ୟାଦି ବିଷୟକ ପ୍ରଶ୍ନ ମାନ ପଚାରି ଚାଲିଲେ। ପିତାମହ ତାଙ୍କୁ ଗୋଟି ଗୋଟି କରି ସେ ସବୁ ବୁଝାଉଥାନ୍ତି। ବୁଝାଇବା ଛଳରେ ସେ ବହୁ କାହାଣୀ ଓ ଆଖ୍ୟାୟିକା ଯଥା ତିନିମତ୍ସ୍ୟ, ମାର୍ଜାର-ମୂଷିକ ଆଦି କହି ଚାଲିଥାନ୍ତି । ବହୁ ମନୋରମ ଉପାଖ୍ୟାନ, ଆଖ୍ୟାୟିକା ଛଳରେ ପିତାମହଙ୍କର ଏହି ଉପଦେଶ ମହାଭାରତ ଗ୍ରନ୍ଥ ମଧ୍ୟରେ ଏକ ବିଶାଳ ଅଧ୍ୟାୟ । ମହାଭାରତ ଶାନ୍ତି ଓ ଅନୁଶାସନ ପର୍ବରେ ଏହା ଲିପିବଦ୍ଧ ହୋଇଛି । ଏଥିରେ ରାଜନୀତି, ଧର୍ମନୀତି, ସମାଜଶାସ୍ତ୍ର, ଅର୍ଥନୀତି ବିସ୍ତାରିତ ଭାବରେ ବର୍ଣ୍ଣିତ ହୋଇଛି । ଦୀର୍ଘ ପାଞ୍ଚଦିନ ଧରି ଯୁଧିଷ୍ଠିର ଏହା ପିତାମହଙ୍କ ଠାରୁ ଶ୍ରବଣ କରିଥିଲେ ।

ପିତାମହଙ୍କ ଉପଦେଶ ଶୁଣି, ଯୁଧିଷ୍ଠିରଙ୍କ ସମସ୍ତ ଶଙ୍କା ଦୂରହେଲା । ସେ ଅତୀବ ପ୍ରସନ୍ନ ହେଲେ । ସର୍ବଶେଷରେ ପିତାମହ ତାଙ୍କୁ କହିଲେ, 'ଏବେ ତୁମେ ଯାଅ । ଦେବଗଣ ଓ ପିତୃଗଣଙ୍କୁ ସନ୍ତୁଷ୍ଟ କରି ପ୍ରଜାମାନଙ୍କର ମନୋରଞ୍ଜନ କର । ସୁହୃଦ୍ ମାନଙ୍କୁ ସ୍ନେହପାଶରେ ବାନ୍ଧି ରଖ । ପକ୍ଷୀମାନେ ଯେପରି ବଳବାନ ବୃକ୍ଷକୁ ଆଶ୍ରୟ କରି ରୁହନ୍ତି, ସେମାନେ ସେପରି ତୁମକୁ ଆଶ୍ରୟକରି ରୁହନ୍ତୁ ।' ପିତାମହଙ୍କ ଠାରୁ ଧର୍ମରାଜ ସମସ୍ତ ଉପଦେଶ ଗ୍ରହଣ କରି ଫେରିଗଲେ ।

ପଚାଶ ଦିନ ପରେ ଭୀଷ୍ମଙ୍କ ସ୍ୱର୍ଗାରୋହଣ ସମୟ ଆସିଗଲା। ବିଦାୟ ପାଇଁ ପୁଣି ସମସ୍ତେ ଉପସ୍ଥିତ ହେଲେ । ସୂର୍ଯ୍ୟଦେବଙ୍କ ଉତ୍ତରାୟଣ ହେବା ସଙ୍ଗେ ସଙ୍ଗେ ଯୋଗ ଧ୍ୟାନ ପୂର୍ବକ ପରମାତ୍ମାଙ୍କ ଠାରେ ଧ୍ୟାନଲଗାଇ ପିତାମହ ଭୀଷ୍ମ ଦେହତ୍ୟାଗ କଲେ । ଦେହତ୍ୟାଗ ଅବ୍ୟବହିତ ପୂର୍ବରୁ ସେ ଯୁଧିଷ୍ଠିରଙ୍କୁ କହିଲେ, 'ହେ କୁନ୍ତୀନନ୍ଦନ ! ଶୋକ କର ନାହିଁ । ସତ୍ୟକୁ ଆଶ୍ରୟ କରି ରାଜ୍ୟ ଶାସନ କର ।' ଧୃତରାଷ୍ଟ୍ରଙ୍କୁ କହିଲେ, 'ରାଜା ! ତୁମେ ଶାସ୍ତ୍ରବେତ୍ତା ଓ ଧର୍ମଜ୍ଞ । ଯାହା ଘଟିବାର କଥା ଘଟି ଯାଇଛି । ପାଣ୍ଡୁ ପୁତ୍ରମାନଙ୍କୁ ନିଜର ପୁତ୍ର ମନେକରି ପାଳନ କର । ତୁମର ଦୁରାତ୍ମା ପୁତ୍ରମାନଙ୍କ ପାଇଁ ଶୋକ କରନାହିଁ ।'

କୃଷ୍ଣଙ୍କୁ ଚାହିଁ କହିଲେ, 'ହେ ଦେବେଶ, ସୁରାସୁର ବନ୍ଦିତ ତ୍ରିବିକ୍ରମ, ହେ କୃଷ୍ଣ, ହେ କେଶବ, ବିଶ୍ୱାତ୍ମା ପୁରୁଷୋତ୍ତମ ! ଏବେ ମୋତେ ଯିବାପାଇଁ ଅନୁମତି ଦିଅ । ତୁମେ ପାଣ୍ଡବମାନଙ୍କର ରକ୍ଷାକର୍ତ୍ତା । ଯୁଦ୍ଧ ଆରମ୍ଭହେବା ପୂର୍ବରୁ ମୁଁ ମୂର୍ଖ ଦୁର୍ଯ୍ୟୋଧନକୁ ଏହା କହିଥିଲି- ଯେଉଁଠାରେ ଶ୍ରୀକୃଷ୍ଣ ସେଠାରେ ଧର୍ମ ଓ ଯେଉଁଠି ଧର୍ମ ସେଇଠି ଜୟ । ପାଣ୍ଡବମାନଙ୍କ ସହିତ ତୁମେ ସନ୍ଧିକର । କିନ୍ତୁ ତାହା ହେଲାନାହିଁ । ହେ କେଶବ ! ଏହି ଶରୀର ତ୍ୟାଗ ପାଇଁ ଆପଣ ମୋତେ ଅନୁମତି ଦିଅନ୍ତୁ, ମୋ ଆତ୍ମା ପରମ ଗତି ପ୍ରାପ୍ତ ହେଉ ।' ଯୁଧିଷ୍ଠିରଙ୍କୁ କହିଲେ, ମୋତେ କିଛି ପୁଷ୍ପ ଆଣି ଦିଅ, ମୁଁ ଶ୍ରୀକୃଷ୍ଣଙ୍କ ପଦବନ୍ଦନା କରେ । ପୁଷ୍ପ ଆସିଲା । ଅଣାଯାଇଥିବା ପୁଷ୍ପରେ ଭଗବାନ କୃଷ୍ଣଙ୍କ ପଦ ବନ୍ଦନା କରି ଦେବବ୍ରତ ଗଙ୍ଗାନନ୍ଦନ ଭୀଷ୍ମ ଭକ୍ତିଗଦଗଦ ହୋଇ କହିଲେ, ହେ ଜନାର୍ଦ୍ଦନ, ହେ ଅନ୍ତର୍ଯ୍ୟାମୀ ! ହେ ସୃଷ୍ଟି ସ୍ଥିତି, ପାଳନ, ଲୟର କାରଣ ! ମୋତେ ଟିକିଏ ଆପଣଙ୍କ ସେହି ଭୁବନ ମୋହନ ବିଶ୍ୱରୂପ ଦେଖାଇ ଏ ଦୁଃଖ ଶୋକମୟ ଜଗତରୁ ଚିରଦିନ ପାଇଁ ମୁକ୍ତି ଦିଅନ୍ତୁ । ହେ ପ୍ରଭୁ ! ମୋତେ ଶ୍ରେଷ୍ଠ ସ୍ଥାନ ଗମନ କରିବାର ଆଶୀର୍ବାଦ ପ୍ରଦାନ କରନ୍ତୁ ।'

ଅନ୍ୟମାନଙ୍କୁ ଅଦୃଶ୍ୟ, ଭଗବାନ ତାଙ୍କର ଅପୂର୍ବ ବିଶ୍ୱରୂପକୁ ଭୀଷ୍ମଙ୍କୁ ଦର୍ଶନ କରାଇ ତାଙ୍କର ହାତ ମୁଠାକୁ ପରମ ଶ୍ରଦ୍ଧାସହିତ ଜାବୁଡ଼ିଧରି କହିଲେ, 'ପିତାମହ ଆପଣ ନିଷ୍ପାପ, ପିତୃଭକ୍ତ ଓ ମହାମୁନି ମାର୍କଣ୍ଡେୟଙ୍କ ତୁଲ୍ୟ । ମୃତ୍ୟୁ କ୍ରୀତଦାସ ଭାବେ ଆପଣଙ୍କ ଆଜ୍ଞାଧୀନ । ଆପଣଙ୍କ ଯଶ, କୀର୍ତ୍ତି ଏ ସଂସାରରେ ସୂର୍ଯ୍ୟଙ୍କ ଜ୍ୟୋତି ପରି ଝଲସୁଥାଉ । ମୁଁ ଅନୁମତି ଦେଉଛି ଆପଣ ଦେହତ୍ୟାଗ କରି ପରମ ଧାମକୁ ପ୍ରାପ୍ତ ହୁଅନ୍ତୁ ଓ ଶୀଘ୍ର ବସୁଗଣଙ୍କ ସହିତ ମିଳିତ ହୁଅନ୍ତୁ ।

ପିତାମହ ସମସ୍ତଙ୍କ ଠାରୁ ବିଦାୟନେଇ ମୂଳାଧାର ଚକ୍ରରେ ଧ୍ୟାନ ନିବିଷ୍ଟ କଲେ ଏବଂ ତାଙ୍କର ଆତ୍ମା ଓ ଅବରୁଦ୍ଧ ପ୍ରାଣ ଊର୍ଦ୍ଧ୍ୱଗାମୀ ହେବାକୁ ଲାଗିଲା । ମୃତ୍ୟୁ ସମୟରେ ତାଙ୍କର ଯେଉଁ ଅଙ୍ଗପ୍ରତ୍ୟଙ୍ଗରୁ ପ୍ରାଣ ଛାଡ଼ି ଯାଉଥିଲା, ସେଥିରୁ ଶର ସବୁ ଖସି ପଡୁଥିଲା । ତାଙ୍କର ସମସ୍ତ ଶରୀରରୁ ପ୍ରାଣ ବାୟୁ ଉଡ଼ିଯିବା ପରେ, ଶରୀର ଶର ଶଯ୍ୟା ଛାଡ଼ି ଭୂମି ଶଯ୍ୟା ଗ୍ରହଣ କଲା । ଶ୍ରୀକୃଷ୍ଣ, ଯୁଧିଷ୍ଠିର ଓ ତାଙ୍କ ଭାଇମାନେ, ଗାନ୍ଧାରୀ, ଧୃତରାଷ୍ଟ୍ର, କୁନ୍ତୀ, ଦ୍ରୌପଦୀ ଆଦି କୁରୁବଂଶୀ, ଜ୍ଞାତିବର୍ଗ ସମସ୍ତେ ଶୋକପୂର୍ଣ୍ଣ ନୟନରେ ଏହି ଆଶ୍ଚର୍ଯ୍ୟ ଦୃଶ୍ୟ ଦେଖୁଥିଲେ ।

ପିତାମହଙ୍କ ସ୍ୱର୍ଗାରୋହଣ ସମୟରେ ପ୍ରକୃତିରେ ସଙ୍ଗୀତର ମର୍ମର ଧ୍ୱନୀ ଗୁଞ୍ଜରି ଉଠିଲା । ଶହସ୍ର କଦମ୍ବର ସୁରଭିତ ହିଲ୍ଲୋଳ ଦେବଲୋକରୁ ପୃଥ୍ୱୀ ଲୋକକୁ ଭାସି ଆସିଲା । ଉପସ୍ଥିତ ସମସ୍ତ ସଜ୍ଜନ ହୃଦୟରେ ଅଦ୍ଭୁତ ପ୍ରଶାନ୍ତି ଲାଭ କଲେ । ଶ୍ରୀମଦ ଭାଗବତରେ ଏ ଦୃଶ୍ୟର ବର୍ଣ୍ଣନାକରି ଅତିବଡ଼ି କହିଛନ୍ତି :-

ଦେଖନ୍ତି ସୁର ନର ମୁନି । ଗଙ୍ଗା ନନ୍ଦନ ହେଲେ ତୁନି ॥
ଶରୀର ତେଜି ଭାବ ମୋହେ । ପଶିଲେ ଗୋବିନ୍ଦର ଦେହେ ॥
ଭୀଷ୍ମ ମରଣ ଦେଖି ଭଲେ । ଯେ ଅବା ଥିଲେ କୃଷ୍ଣ ତୁଲେ ॥
ମଉନେ ବସିଲେ ସମସ୍ତେ । ପକ୍ଷୀଏ ଯେହ୍ନେ ଦିନ ଅନ୍ତେ ॥
ତକ୍ଷଣେ ଦୁନ୍ଦୁଭି ଶବଦ । ଦେବମାନବେ କଲେ ବାଦ୍ୟ ॥

ଏହି ସମୟରେ ଉପସ୍ଥିତ ସମସ୍ତେ ଶ୍ରୀକୃଷ୍ଣଙ୍କୁ ଚାହିଁ ପ୍ରାର୍ଥନା କରୁଥିଲେ ହେ ମାଧବ ! ହେ କେଶବ ! ହେ ନାରାୟଣ ! ହେ ପରମାନନ୍ଦ ! ଆପଣଙ୍କର କୃପା ବଳରେ ଏ ସଂସାରରେ କଅଣ ବା ସମ୍ଭବ ହୋଇ ନପାରେ !

ନାରାୟଣଂ ନମସ୍କୃତ୍ୟ ନରଂ ଚୈବ ନରୋତ୍ତମମ୍ ।
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟମୁଦୀରୟେତ୍॥
ମୂକଂ କରୋତି ବାଚାଳଂ ପଙ୍ଗୁ ଲଙ୍ଘୟତେ ଗିରିମ୍ ।
ଯତ୍‌କୃପାତମହଂ ବନ୍ଦେ ପରମାନନ୍ଦ ମାଧବମ୍ ॥

ମୋ - ୭୬୯୩୦୯୧୯୭୧

---

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ ।**
**ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍‌ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

## ମଣିମା ଶୁଣିମା ହେଉ...




# ସମ୍ପାଦକ ଓ ମିଲରଙ୍କ ମିଳିଭଗତରେ ଚାଲିଛି ଚାଷୀ ଶୋଷଣ

**ପୁରୀ (ଭିଓଭି) :** ଧାନର ମାନ ପରୀକ୍ଷଣ ହେଉନି, କିନ୍ତୁ ମଣ୍ଡିରେ ମନଇଚ୍ଛା ଚାଲିଛି କଟନି -ଛଟନୀ। ମିଲର ଏଫଏକ୍ୟୁ ଅସ୍ୱ ଆଗରେ ଚାଷୀ ମୁଣ୍ଡ ନୁଆଁଉଥିବା ବେଳେ କଟନୀ ଛଟନୀ ଅସମାନତା କିନ୍ତୁ ଅସନ୍ତୋଷ ସୃଷ୍ଟି କରିଛି। ଅନ୍ୟ ପଟେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ସେବା ସମବାୟ ସମିତିରେ ଗୁରୁବାର ବ୍ଲକର ପ୍ରଥମ ଧାନ ମଣ୍ଡି ଶୁଭାରମ୍ଭ ହୋଇଥିବା ବେଳେ ସ୍ଥାନୀୟ ନୋଡାଲ ଅଧିକାରିଣୀ, ସମ୍ପାଦକ ଓ ମିଲର ମିଳିଭଗତରେ ଚାଷୀ ଶୋଷଣ ହେବାକୁ ବସିଛି। ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ବିଡ଼ିଓ ଙ୍କୁ ଚାଷୀଙ୍କ ସମସ୍ୟାକୁ ନଜର ରଖି ଉପଯୁକ୍ତ ସେବା ଯୋଗାଇଦେବା ସହ ସମସ୍ୟା ବୁଝିବାକୁ ଅସ୍ତରଙ୍ଗ ବିଡ଼ିଓଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଜିଲ୍ଲା ପ୍ରଶାସନନିୟମକୁ ଖୁଲମ ଖୁଲ୍ଲା ଉଲ୍ଲଙ୍ଘନ କରି ଅତିଥିଙ୍କ ଉପସ୍ଥିତିରେ ବିଡ଼ିଓ ନଡ଼ିଆ ବାଡେଇ କାମ ସାରିଦେଲେ। କିନ୍ତୁ ଚାଷୀ ଧାନର ମାନ ଯାଞ୍ଚ ପାଇଁ ଗ୍ରେନ ଆନାଲାଇଜର ମେସିନ ନଥିବା ବେଳେ ଧାନର ମାନ କିପରି ଯାଞ୍ଚ ହେବ ତଦାରଖ ନକରି ପଳାଇଯାଇଥିଲେ। କିନ୍ତୁ ଧାନ ପଡିକି ରହିଲା।

ଅନ୍ୟ ପଟେ ସରକାରୀ କାଗଜ କଲମରେ କଟନୀ ଛଟନୀ ମନା। ମାତ୍ର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ବିନା କଟନୀ

### ବିଳମ୍ବରେ ଅଖା ମିଳିବାରୁ ଚାଷୀ ହନ୍ତସନ୍ତ
### ଧାନ ମଣ୍ଡିକୁ ଆସୁନି ଗ୍ରେନ ଆନାଲାଇଜର

ଛଟିନୀରେ ଧାନ ଉଠାଉ ନାହାନ୍ତି ମିଲର୍ସ। ଅସାଧୁ କର୍ମଚାରୀ, ସମ୍ପାଦକ ଓ ମିଲର୍ସ ମିଳିଭଗତ ଯୋଗୁଁ ମାନ ପରୀକ୍ଷଣ ଭଳି ଝିନଝଟରେ ନପଶି ସର୍ବନିମ୍ନ କଟନୀ ଛଟନୀରେ ଧାନ ବିକ୍ରି କରିବାକୁ ରାଜି ଦେଖିବାକୁ ମିଳୁଛି। ମଣ୍ଡିରେ ଧାନ ନେବା ପାଇଁ ଚାଷୀଙ୍କ ମୋବାଇଲକୁ ଆସିଛି ମେସେଜ। ହେଲେ ଉଠିପାରୁନି ଧାନ। ଯାହାକି ଏବେ ଚାଷୀ ଚିନ୍ତାରେ ରହିଛନ୍ତି। ଏ ନେଇ ମଧ୍ୟ ବିଡ଼ିଓଙ୍କ କୌଣସି ଉତ୍ତର ମିଳିନଥିବା ବେଳେ ଅଧିକାରିଣୀଙ୍କ ଏଭଳି ଦାୟିତ୍ୱହୀନତା ପାଇଁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟ ପଟେ କେନ୍ଦ୍ରାପଟି ସେବା ସମବାୟ ସମିତିରେ ଉଚ୍ଚ ସ୍ତରୀୟ ତଦନ୍ତ ଜରୁରୀ ବୋଲି ଅନେକ ଚାଷୀ ଦାବୀ କରିଛନ୍ତି। ମୁଣ୍ଡ ଝାଳ ତୁଣ୍ଡରେ ମାରି ଅମଳ କରିଥିବା ଚାଷୀକୁଳରେ ଏବେ ଭାଳେଣି ପଡିଛି। କେନ୍ଦ୍ରାପଟି ସେବା ସମବାୟ ସମିତିରେ ଚଳିତ ବର୍ଷ ୩୮୭ଚାଷୀ ପଞ୍ଜିକରଣ କରିଥିବା ବେଳେ ଅନୁପାତୀତ ଟାର୍ଗେଟ ରହୁନି। ଦିନକୁ ଦିନ ଦୁର୍ନୀତି ବୃଦ୍ଧି ପାଉଥିବା ବେଳେ ଚାଷୀ ଟୋକନ କାଷ୍ଟ ଛାଣ୍ଟକୁ ନେଇ ଅଭିଯୋଗ ଆଣୁଛନ୍ତି। ଚାଷୀଙ୍କ ଠାରୁ ଅଧିକ ଧାନ ନକିଣିବାକୁ ଏହା ଏକ ସୁଚିନ୍ତିତ ଫନ୍ଦି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ମିଲରମାନେ ଧାନ ଅଖା ଯୋଗାଇ ଦେବାର ବ୍ୟବସ୍ଥା ଥିବା ବେଳେ ସେମାନେ ବିଳମ୍ବ କରୁଛନ୍ତି। ଚାଷୀ ପୂର୍ବରୁ ପ୍ଲାଷ୍ଟିକ ଅଖାରେ ଧାନ ଭର୍ତ୍ତି କରିଥିବା ବେଳେ ସେମାନଙ୍କୁ ଚିରା ଓ ଫଟା ଝୋଟ ଅଖାରେ ଦେଉଛନ୍ତି ମିଲର୍ସ। ଏହା ସହ ଅଖା ବାବଦରେ ଧାନ କାଟୁଛନ୍ତି। ସବୁ ଜାଣି କିଛି ନଜାଣିବା ଭଳି ଅଧିକାରିଣୀ ରହୁଛନ୍ତି, ଅନ୍ୟ ଚାଷୀ ଶୋଷଣ ଶିକାର ହେଉଛନ୍ତି। ଏହା ସହ ଆବଶ୍ୟକ ମିଲର ଧାନ ନଉଠାଇବା, ଆରଏମସି କର୍ତ୍ତୃପକ୍ଷ ମଣ୍ଡିରେ ଅସ୍ଥାୟୀ ଶିବିର, ଶୌଚାଳୟ, ପାନୀୟ ଜଳ ଆଦି ବ୍ୟବସ୍ଥା ନକରିବା ସହ ମିଳିଭଗତ ଅର୍ଥ ଆତ୍ମସାତ୍ କରିବା ଉଦ୍ୟମ କରିଥିବା ବେଳେ ଧାନର ମାନ ପରୀକ୍ଷା ନିମନ୍ତେ କ୍ୱାଲିଟି ଆନାଲିଷ୍ଟମାନେ କେବଳ ବୁଲାବୁଲିରେ ସମୟ କାଟି ଚାଲିଥିବାରୁ ଆଗାମୀ ଦିନରେ ବଡ଼ ଧରଣ ସ୍କାମକୁ ନେଇ ଚାଷୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଚାଷୀ ଦାବି କରିଛନ୍ତି ଜିଲ୍ଲାପାଳ ତଥା ରାଜ୍ୟ ସରକାର ତୁରନ୍ତ ଅସାଧୁ କର୍ମଚାରୀ ଦାୟିତ୍ୱ ହଟାଇ ଚାଷୀ ସମସ୍ୟା ବୁଝୁଥିବା ଅଧିକାରୀଙ୍କୁ ନିଯୁକ୍ତି ପାଇଁ ଦାବୀ ହୋଇଛି।

### ବିପଦ ଆପଦକୁ କେବଳ ଭଗବାନ ଭରସା

# ବିନା ବୀମା ଓ ଲାଇଫ୍ ଜାକେଟରେ ଚାଲିଛି ଶହ ଶହ ବୋଟ୍

**କେନ୍ଦ୍ରାପଡ଼ା (ଭିଓଭି) :** ରାଜନଗର ସାମୁଦ୍ରିକ ଓ ନଦୀରେ ଶହଶହ ସଂଖ୍ୟାରେ ବୋଟ ମାଛମାରିବା ଠାରୁ ଆରମ୍ଭ କରି ଯାତ୍ରୀବାହୀ ଓ ଟୁରିଷ୍ଟ ସେବା ଇତ୍ୟାଦି ଅଧୀକାଂଶ ବୋଟ୍ ବିନା ବୀମା ଓ ଲାଇଫ ଜାକେଟରେ ଚାଲୁଛି। ଏଥିପ୍ରତି ବିଭାଗୀୟ ଅଧୀକାରୀଙ୍କର ନିଘା ନାହିଁ। ଯଦି କୌଣସି ଅଘଟଣର ସମ୍ମୁଖିନ ହେବେ ତେବେ ବୀମା ମିଳିବା ସମ୍ଭାବନା ନଥାଏ । କେନ୍ଦ୍ରାପଡ଼ା ଡିଷ୍ଟ୍ରିକ୍ଟ ଫିସରି ଅଫିସ ତରଫରୁ ମିଳିଥିବା ତଥ୍ୟ ଅନୁଯାଇ କେନ୍ଦ୍ରାପଡ଼ା ଜିଲ୍ଲା ସାମୁଦ୍ରିକ ଅଂଚଳରେ ସମୁଦାୟ ୨୬୬୮ ଖଣ୍ଡ ବୋଟ ଚାଲିଛି । ସେଥିରେ କେତେଖଣ୍ଡ ମାଛଧରା ବୋଟ ଓ କେତେ ଯାତ୍ରୀ ବାହୀ ବୋଟ ଚାଲୁଛି, ଏସବୁ ତାଙ୍କ ପାଖରେ ତଥ୍ୟ ନାହିଁ ବୋଲି ଦର୍ଶାଇଛନ୍ତି। ସେଥିରୁ ରାଜନଗର ମେରାଇନ ଅଞ୍ଚଳରେ ୧୦୭୧ ଖଣ୍ଡ ବୋଟ ଓ ମହାକାଳପଡ଼ା ମେରାଇନ ଅଂଚଳରେ ୧୫୯୭ ଖଣ୍ଡ ବୋଟ ଚାଲିଛି । ପ୍ରାୟ ଅଧିକାଂଶ ବୋଟର ଇନସ୍ୟୁରାନ୍ସ ନାହିଁ। ଯଦି କୌଣସି ଯାତ୍ରୀ କିମ୍ବା ଶ୍ରମିକ ସହ କିଛି ଘଟେ ତେବେ ଦାୟୀ ରହିବ କିଏ ? ଅର୍ଥାତ କ୍ଷତିପୂରଣ ଦେବ କିଏ ? ଜିଲ୍ଲାରେ ଥିବା ଅଧିକାରୀମାନେ କରୁଛନ୍ତି କ'ଣ ? ତାଳଚୁଆ ମେରାଇନ ଥାନା ନିକଟରେ ଥିଲେ ମଧ୍ୟ ଦିନକ ପାଇଁ ସୁରକ୍ଷା କବଚ ଓ ବୀମା ଅଛିକି ନାହିଁ ତା'ର ତଦନ୍ତ କରାଯାଉ ନାହିଁ। ବାରମ୍ବାର ମାଛମରା ବୋଟକୁ ବନବିଭାଗ ଧରୁଥିବା ବେଳେ ଏସବୁ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ନିର୍ଦ୍ଦିଷ୍ଟ ବାଂଲାଦେଶୀ ନିଜକୁ ସାମ୍ବାଦିକ ବୋଲାଇ ତାଳଚୁଆ ମେରାଇନ ଥାନା ଇଲାକାରେ ବିନା ବୀମା ଥିବା ବୋଟକୁ ଜଙ୍ଗଲ ବିଭାଗ ସହିତ ସାଲିସ କରି ମାଛ ମାରିବା ସହ ଯାତ୍ରୀବାହୀ ବୋଟ ମଧ୍ୟ ଚାଲିଛି। ନଦୀ ଓ ସାମୁଦ୍ରିକ ଅଞ୍ଚଳରେ ଏପରି ବୋଟମାନ ଖୁଲ୍ଲମଖୁଲା ଚଳ ପ୍ରଚଳ କରୁଥିବା ଅଭିଯୋଗ ହେଉଛି। ବିପଦ ସଂଙ୍କୁଳ ଅବସ୍ଥାରେ ତାଳଚୁଆ ଘାଟରେ ଯାତାୟତ କରୁଥିଲେ ମଧ୍ୟ ଅଙ୍କୁଶ ଲଗାଇବାକୁ କେହି ନଥିବାରୁ ବିନା ବୀମା



ଓ ଲାଇଫଂ ଜାକେଟରେ ଘାଟ ଚାଲୁଛି। ଏହି ଘାଟରେ ଦୈନିକ ହଜାର ହଜାର ଲୋକ ବୋଟରେ ପାରି ହେଉଛନ୍ତି। କେବଳ ସେତିକି ନୁହେଁ ଜାତୀୟ ଉଦ୍ୟାନ ଭିତର କନିକାକୁ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ବୋଟରେ ବୁଲାଉଥିଲେ ମଧ୍ୟ ଏପରି ବ୍ୟବସ୍ଥା ବାହାରେ ଥାଇ ବୋଟ ଚାଲୁଛି କିପରି ? ବିଭାଗୀୟ କର୍ତ୍ତୁପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ପୁଣି ନକ୍ସଲଙ୍କ କବ୍ଜାରେ ନିୟମଗିରି

**ରାୟଗଡ଼ା (ଭିଓଭି) :** ରାୟଗଡ଼ା ନିୟମଗିରୁ ଫେରିଲେ ନକ୍ସଲ । ଡଙ୍ଗରିଆଙ୍କୁ ଗାଁ ବାହାରକୁ ଯିବା ମନା । ଶାନ୍ତ ପରିବେଶ ଅଶାନ୍ତ ହେବାକୁ ଯାଉଛି। ନିୟମଗିରି ପାହାଡ଼ରେ ନକ୍ସଲ ସେମାନଙ୍କ ଗତିବିଧିକୁ ବଢ଼ାଇବା ସହ ଡଙ୍ଗରିଆଙ୍କ ଉପରେ କଟକଣା ଲାଗୁ କରିଛନ୍ତି। ତେଣୁ ଆଦିମ ଜନଜାତିଙ୍କ ମଧ୍ୟରେ ପ୍ରତିକ୍ରିୟା ଦେଖିବାକୁ ମିଳିଛି । ୧୫ବର୍ଷ ତଳେ ସଂପୂର୍ଣ୍ଣ ନିୟମଗିରି ଅଞ୍ଚଳକୁ ଅକ୍ତିଆର କରି ରଖିଥିଲେ ନକ୍ସଲ । ବିକାଶକୁ ସିଧାସଳଖ ବିରୋଧ କରିବା ସହ ଆଦିମ ଜନଜାତି ଡଙ୍ଗରିଆ କନ୍ଧଙ୍କୁ ନିୟନ୍ତ୍ରଣରେ ରଖିଥିଲେ । ମାତ୍ର ଗତ କିଛି ଦିନ ହେଲା ନିୟମଗିରି ଅଞ୍ଚଳରେ ଅଚାନକ ନିରବତା ଛାଇ ଯାଇଛି। ଆତଙ୍କର ବାତାବରଣ ଦେଖିବାକୁ ମିଳିଛି । କନ୍ଧମାଳ ଜିଲ୍ଲାରେ ସୁରକ୍ଷା ବାହିନୀ ଦ୍ୱାରା ନକ୍ସଲ ଅପରେସନ୍ ଜୋରଦାର ହେବାରୁ ବହୁ କ୍ୟାଡର ନକ୍ସଲ ନିହତ ହୋଇଛନ୍ତି । ଅଳ୍ପ କିଛି ନକ୍ସଲ ଜୀବନ ବଞ୍ଚାଇ ପୁନର୍ବାର ନିୟମଗିରି ଫେରିବା ସହ ପୁଣି ଡଙ୍ଗରିଆଙ୍କୁ ଢାଲ କରିଛନ୍ତି । ଯଦିଓ ଏଯାଏ କୌଣସି ହିଂସା ଘଟାଇ ନାହାନ୍ତି, କିନ୍ତୁ କିଛି ଦିନ ତଳେ ମୁନିଗୁଡ଼ା ବ୍ଲକ୍‌ରେ ବ୍ୟାନର ଲଗାଇ ଉପସ୍ଥିତି ଜାହିର କରିଛନ୍ତି । ସଦ୍ୟତମ ସୂଚନା ଅନୁସାରେ ନିୟମଗିରି ଅଞ୍ଚଳର କିଛି ଡଙ୍ଗରିଆ କନ୍ଧ କଳାହାଣ୍ଡି ଜିଲ୍ଲାର ଗୋଟିଏ କଂପାନିକୁ ନିୟମିତ କାମ କରିବାକୁ ଯାଉଛନ୍ତି । ଏହି ଯୁବକଙ୍କୁ କଂପାନି ନଯିବା ଲାଗି କୁହାଯାଉଛି। ଗାଁରେ ରହି ପାହାଡ଼ରେ ଚାଷ କରିବାକୁ ଚାପ ପକାଯାଉଛି । କେଶରପାଡି, ସେରକାପାଡି, ବାଟୁଡି, ଖାମ୍ବେସି ଓ ଜାରପା ଆଦି ଗାଁର ଯୁବକଙ୍କୁ ଗାଁ ବାହାରକୁ ନଯିବା ପାଇଁ ନକ୍ସଲ ବାରମ୍ବାର କହୁଥିବା ସୂଚନା ମିଳିଛି। ଭୟରେ ଡଙ୍ଗରିଆ ଯୁବକ ମୁହଁ ଖୋଲୁନାହାନ୍ତି । ତେବେ ଡଙ୍ଗରିଆ ଗାଁଗୁଡ଼ିକରେ ନକ୍ସଲଙ୍କ ଏଭଳି ବାରଣ ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ :
୬୩୭୧୪୧୭୩୬୧
**Email:**
voiceofvictim2019@gmail.com
voiceofvictimsnews@gmail.com
**Website :**
https://voiceofvictims.co.in
**E-Paper :**
voiceofvictimsepaper.in

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ରଣପୁର (ଭିଓଭି) :** ବୃନ୍ଦାବନପୁର ନୂଆଗାଁ ନିବାସୀ ସ୍ୱର୍ଗତ ବଳଭଦ୍ର ରଥଙ୍କ ଧର୍ମପତ୍ନୀ ଅମ୍ବିକା ରଥଙ୍କର ଗତକାଲି ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ହୋଇଥିଲା। ସମଗ୍ର ଅଞ୍ଚଳର ଜଣେ ଅତ୍ୟନ୍ତ ସ୍ନେହୀ ଓ ପରୋପକାରୀ ମହିଳା ଭାବରେ ସେ ପରିଚିତ ଥିଲେ। ଗାଆଁର ଝିଅ ଓ ବୋହୂ ହୋଇଥିବାରୁ ସେ ସମସ୍ତଙ୍କର ପ୍ରିୟ ଆମ୍ବୀ ନାନୀ ଭାବେ ପରିଚିତ ଥିଲେ। ସ୍ୱାମୀ ସମ୍ବଲପୁରରେ ଚାକିରୀ କରିଥିବାରୁ ସେ ଘରର ସମସ୍ତ କାମ ସହିତ ଚାଷବାସ କାମ ବି ବୁଝାବୁଝି କରି ନିଜର ଏକ ନିଆରା ଦକ୍ଷତାର ପ୍ରତିପାଦନ କରିପାରିଥିଲେ। ତାଙ୍କର ପରଲୋକରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁଅ ନିରଞ୍ଜନ, ଅଶୋକ, ଦୁଇ ଝିଅ ନମିତା, ରିତା, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

## 'ଭଏସ୍ ଅଫ୍ ଭିକ୍ଟିମ୍ସ'ର ମୁଖ୍ୟ ପ୍ରତିନିଧିଙ୍କ ପିତୃ ବିୟୋଗ



**ଭୁବନେଶ୍ୱର (ଭିଓଭି) :** 'ଭଏସ୍ ଅଫ୍ ଭିକ୍ଟିମ୍ସ'ର ମୁଖ୍ୟ ପ୍ରତିନିଧି ରଣଜିତ୍ ପଟ୍ଟନାୟକଙ୍କ ପିତା ଭୁବନେଶ୍ୱର ଓଲ୍ଡ ଟାଉନ ମହତାବ ରୋଡ ନିବାସୀ ସନ୍ତୋଷ କୁମାର ପଟ୍ଟନାୟକଙ୍କ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ, ତିନି ପୁଅ ଓ ଝିଅ ଉପସ୍ଥିତ ଥିଲେ। କୃଷି ବିଭାଗର ବରିଷ୍ଠ ସହ-ଅଧିକାରୀ ପଦରୁ ଅବସର ପରେ ସେ ସପରିବାର ଭୁବନେଶ୍ୱରରେ ଅବସ୍ଥାନ କରୁଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ ପୁଅ ସତ୍ୟଜିତ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ଜଣେ ପରୋପକାରୀ ବ୍ୟକ୍ତି ହିସାବରେ ଆଖପାଖରେ ଖ୍ୟାତ ଥିବାରୁ ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆରପାରିରେ ଅଭିଜିତ୍ ମଜୁମଦାର



**ଭୁବନେଶ୍ୱର (ଭିଓଭି) :** ମୃତ୍ୟୁ ସହ ଲଢ଼ି ଲଢ଼ି ଶେଷରେ ଜୀବନଯୁଦ୍ଧରେ ହାରିଯାଇଛନ୍ତି କଣ୍ଠଶିଳ୍ପୀ ଅଭିଜିତ୍ ମଜୁମ୍ଦାର । ଭୁବନଶ୍ୱେର ଏମସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ଲିଭର ଜନିତ ରୋଗରେ ପୀଡିତ ଥିଲେ। ଶନିବାରଠାରୁ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ।

ଅଭିଜିତ୍ ଅସୁସ୍ଥ ହେବା ପରେ ତାଙ୍କୁ ପ୍ରଥମେ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହା ପରେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଥିଲା। ଗତ ବର୍ଷ ସେପ୍ଟେମ୍ବର ୪ରେ ସଙ୍କଟାପନ୍ନ ଅବସ୍ଥାରେ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ସେ ଅକ୍ଟୋବର ୨୩ ତାରିଖରୁ ଆଇସିୟୁରୁ ବାହାରି ଜେନେରାଲ ମେଡିସିନ ଓ୍ୱାର୍ଡରେ ଚିକିତ୍ସିତ ହେଉଥିଲେ। ଫୁସଫୁସ ସଂକ୍ରମଣରେ ଗୁରୁତର ହୋଇ ଅଭିଜିତ୍ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏକାଧିକ ରୋଗରେ ମଧ୍ୟ ସଂକ୍ରମିତ ହୋଇଥିଲେ । ସେ କୋମାରେ ରହି ଧିରେ ଧିରେ ସୁସ୍ଥ ହେଉଥିଲେ । ହସ୍ପିଟାଲରୁ ସୁସ୍ଥ ହୋଇ ଘରକୁ ବି ଫେରିଥିଲେ । କିନ୍ତୁ ଶନିବାର ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡିବାରୁ ପୁଣି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ସେ ଶୀଘ୍ର ସୁସ୍ଥ ହୋଇ ଫେରନ୍ତୁ ବୋଲି ଓଡ଼ିଶାବାସୀ ଅପେକ୍ଷା କରିଥିଲେ । କିନ୍ତୁ ଆଉ ଫେରିଲେନି ଦାଦା। ଅପେକ୍ଷା ଅପେକ୍ଷାରେ ରହିଗଲା । ସବୁଦିନ ପାଇଁ ଆରପାରିକୁ ଚାଲିଗଲେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ। ଓଡ଼ିଶାର ସଙ୍ଗୀତ ଦୁନିଆକୁ ଭେଟି ଦେଇଥିଲେ ଅନେକ ଭେରାଇଟିର ସଙ୍ଗୀତ । ଅପୂରଣୀୟ କ୍ଷତି ଫିଲ୍ମ ଜଗତ ଏବଂ ସଙ୍ଗୀତ ଦୁନିଆକୁ । ଅଭିଜିତ୍‌ଙ୍କ ଦେହାନ୍ତରେ କାନ୍ଦୁଛି ସଙ୍ଗୀତ ଜଗତ, କାନ୍ଦୁଛନ୍ତି ଓଡ଼ିଶା ବାସୀ ଓ ବନ୍ଧୁ ପରିଜନ।

ସୂଚନା ଅନୁଯାୟୀ, ଓଲିଉଡର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ତାଙ୍କ କଟକସ୍ଥିତ ବାସଭବନରେ ଶନିବାର ଦିନ ଅସୁସ୍ଥ ହୋଇପଡିଥିଲେ। ସଂଗେ ସଂଗେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ଡାକ୍ତରମାନଙ୍କ ଆପ୍ରାଣ ଚେଷ୍ଟା ସତ୍ତ୍ୱେ ଅଭିଜିତ୍‌ଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା । ଅଭିଜିତ୍ ଅନେକ ଆଲବମ ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ବର୍ତ୍ତମାନ ଯାଏଁ ୫୦ରୁ ଅଧିକ ଫିଲ୍ମ ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇସାରିଛନ୍ତି । ଏହାସହିତ ସେ ଏକାଧିକ ଫିଲ୍ମରେ ଗୀତ ବି ଗାଇଛନ୍ତି ।

ମାତ୍ର ୫୪ ବର୍ଷ ବୟସରେ ସମସ୍ତଙ୍କୁ ଛାଡ଼ି ଆରପାରିକୁ ଚାଲି ଯାଇଛନ୍ତି ଅଭିଜିତ ମଜୁମଦାର । ୧୯୭୧ ମସିହା ସେପଟ୍ଟେମ୍ବର ୧୧ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ। ପେସାରେ ଜଣେ ଅଧାପକ ଥିଲେ । ମାତ୍ର ୧୯୯୬ ମସିହାରେ ସଙ୍ଗୀତ କ୍ଷେତ୍ରରେ କାମ କରିବା ପାଇଁ ଚାକିରୀରୁ ଇସ୍ତଫା ଦେଇ କଟକ ଯାଇଥିଲେ । ୨୦୦୦ ମସିହାରେ ସେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ସଙ୍ଗୀତ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲେ । ସେ ଓଡ଼ିଆ ଚଳଚ୍ଚିତ୍ର ସମେତ ଓଡ଼ିଆ ଆଧୁନିକ ଆଲବମ୍, ଭଜନ, ସମ୍ବଲପୁରୀ ଆଲବମ୍, ଓଡ଼ିଆ ଧାରାବାହିକ ଆଦିର ଗୀତ ନିର୍ମାଣ କରିଛନ୍ତି ।

୧୯୯୧ ମସିହାରେ ଅଭିଜିତ ପ୍ରଥମ କରି ସଙ୍ଗୀତ ଜଗତରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ । ପ୍ରଥମେ ସମ୍ବଲପୁରୀ ଗୀତରେ କାମ କରିବା ଆରମ୍ଭ କରିଥିଲେ ଏବଂ ପରେ ସେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ । ଓଡ଼ିଆ ଚଳଚ୍ଚିତ୍ର, ଆଲବମ୍ ଏବଂ ସମ୍ବଲପୁରୀ ଇଣ୍ଡଷ୍ଟ୍ରି ପାଇଁ ୭୦୦ରୁ ଅଧିକ ଗୀତ ନିର୍ମାଣ କରିଛନ୍ତି ଅଭିଜିତ । ଚଳଚ୍ଚିତ୍ର ଓ ଆଲବମ୍ ବ୍ୟତୀତ ଅଭିଜିତ କିଛି ଦୂରଦର୍ଶନରେ କାର୍ଯ୍ୟ କରିଛନ୍ତି।

୨୦୦୦ ମସିହାରେ 'କାଶିଆ କପିଳା' ଓଡ଼ିଆ ସିନେମା ଜରିଆରେ ନିଜର ସିନେ ସଂଗୀତ ଯାତ୍ରା ଆରମ୍ଭ କରିଥିଲେ ଅଭିଜିତ୍। ଏହା ପରଠୁ ଜାରି ରହିଥିଲା ଓଡ଼ିଆ ସିନେ ଜଗତରେ ଅଭିଜିତଙ୍କ ଯାତ୍ରା । ପ୍ରାୟ ୬୦ରୁ ଅଧିକ ସିନେମାରେ ସଂଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ୧୦୦ରୁ ଅଧିକ ଆଲବମ୍ ପାଇଁ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କ ଲୋକପ୍ରିୟ ଗୀତଗୁଡ଼ିକ ମଧ୍ୟରେ ରହିଛି 'ମାଧବ ହେ ମାଧବ', 'ଟ୍ୱିଙ୍କଲ୍ ଟ୍ୱିଙ୍କ୍‌ଲ ଲିଟିଲ୍ ଷ୍ଟାର', 'ନାଚିବ ଗବର ସିଂହ', 'ବାଲୁଙ୍ଗା ଟୋକା', 'ସଜନୀ ସଜନୀ', 'ଆମେ ତ ଟୋକା ଷଣ୍ଡ ମାର୍କା' । ତାଙ୍କର ଅନେକ ଆଇଟମ୍ ଗୀତ ରହିଛି, ଯାହା ସଂଗୀତପ୍ରେମୀଙ୍କ ମୁହଁରେ ରହିଛି । 'ତୋର କଞ୍ଚା ହଳଦୀ ଦେହଟା ଗୋରୀ ଲୋ' ଗୀତରେ ସେ ନିଜେ କଣ୍ଠଦାନ ମଧ୍ୟ କରିଛନ୍ତି।

ଅଭିଜିତ୍‌ଙ୍କ 'ରାତି ସାରା ବାର୍ ଲାଇଟ୍ ଦୁକୁ ଦୁକୁ' ଗୀତ ତାଙ୍କୁ ଖୁବ୍ ଲୋକପ୍ରିୟ କରାଇଛି । ରଖିବ ଯଦି ମାରିବ କିଏ, ମୋ ସୁନା ପୁଅ, ତୋ ବିନା ଭଲ ଲାଗେନା, ଶଶୁର ଘର ଜିନ୍ଦାବାଦ ଭଳି ଅନେକ ହିଟ୍ ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ । ବାଲୁଙ୍ଗା ଟୋକା, ମାଟ୍ରିକ୍ ଫେଲ୍, ଲଭ୍ ମାଷ୍ଟର, ଡାହା ବାଲୁଙ୍ଗା, ସମଥିଙ୍ଗ୍ ସମଥିଙ୍ଗ୍-୨, ଇସ୍କ ତୁ ହି ତୁ ଭଳି ଅନେକ ସୁପରହିଟ୍ ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ୨୦୧୦ ମସିହାରେ 'ତୁ ଥା ମୁଁ ଯାଉଛି ରୁଷି' ସିନେମା ପାଇଁ ଓ ୨୦୨୨ ମସିହାରେ 'ତୃଷ୍ଣା' ସିନେମା ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ତାଙ୍କୁ ସମ୍ମାନିତ କରାଯାଇଥିଲା ।

# ସାଧାରଣତନ୍ତ୍ର ଦିବସରେ ୩ ଓଡ଼ିଆ ପାଇବେ ପଦ୍ମ ପୁରସ୍କାର

**ଭୁବନେଶ୍ୱର (ଭିଓଭି) :** ନିଜ ଘରେ ୨୦ଲକ୍ଷରୁ ଉର୍ଦ୍ଧ୍ୱ ପୁସ୍ତକ ସାଇତି ରଖିଥିବା ୭୫ବର୍ଷୀୟ ଆଙ୍କେ ଗୌଡା। କର୍ଣ୍ଣାଟକର ହେରାଲାହାଲ୍ଲି ଗ୍ରାମରେ ବାସ କରୁଥିବା ଏହି ଅଦ୍ଭୁତ ଖିଆଲର ମଣିଷ ନିଜ ସମଗ୍ର ଜୀବନଙ୍କୁ ଏପରି ଏକ ଅନନ୍ୟ କାର୍ଯ୍ୟରେ ସମର୍ପି ଦେଇଛନ୍ତି। ତାଙ୍କୁ ୨୦ ବର୍ଷ ବୟସ ହୋଇଥିବା ବେଳେଓ ସେ ବସ୍ କଣ୍ଡକ୍ଟର ଥିବା ସମୟରେ କନ୍ନଡ ସାହିତ୍ୟରେ ସ୍ନାତକୋତ୍ତର ଶିକ୍ଷା କଲେ। ତାଙ୍କ ପ୍ରଫେସର୍ ଅନନ୍ତରାମୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପୁସ୍ତକ ସଂଗ୍ରହ ଅଭିଯାନ ଆରମ୍ଭ କଲେ ଏବଂ ଏହାକୁ ଜୀବନର ମିସନ୍ ଭାବେ ଗ୍ରହଣ କରିନେଲେ। ଆଜିଯାଏ ସେ ଥକି ପଡ଼ି ନାହାଁନ୍ତି କି ଅଟକି ଯାଇ ନାହାଁନ୍ତି। ପଛକୁ ଫେରି ବି ଚାହିଁ ନାହାଁନ୍ତି । ଗତ ୫୦ ବର୍ଷ ମଧ୍ୟରେ ସେ ୨୦ ଲକ୍ଷ ପୁସ୍ତକ ସଂଗ୍ରହ କରି ସାରିଛନ୍ତି। ତନ୍ମଧ୍ୟରେ ୫ଲକ୍ଷ ବିରଳ ବିଦେଶୀ ପୁସ୍ତକ, ୫ହଜାର ବହୁଭାଷୀ ଅଭିଧାନ, ୧୮୩୨ ମସିହାଠୁ ଅତି ବିରଳ ପାଣ୍ଡୁଲିପି ଆଦି ଅନ୍ତର୍ଭୁକ୍ତ । ଜୀବନ ଯାକର ଉପାର୍ଜନ ଏଥିରେ ବିନିଯୋଗ କରିଦେବା ସହ ସେ ମହୀଶୂରରେ ଥିବା ତାଙ୍କ କୋଠା ଘର ବିକି ଦେଇ ଗାଁକୁ ଚାଲି ଆସିଛନ୍ତି। ଏଥିରୁ ତାଙ୍କ ପ୍ରଗାଢ଼ ନିଶାର ପ୍ରମାଣ ମିଳେ। ସେ ଏହି ପାଠାଗାର ଭିତରେ ଏକ ସାଧାରଣ ଜୀବନ ବିତାଉଛନ୍ତି। ଖାଇବା, ଶୋଇବା ଏପରିକି ନିଶ୍ୱାସ ନେବା ବି ସେହି ବହିମାନଙ୍କ ସହ ! ଖୁସିର କଥା ତାଙ୍କ ପତ୍ନୀ ବିଜୟଲକ୍ଷ୍ମୀ ଏବଂ ପୁତ୍ର ସାଗର ମଧ୍ୟ ତାଙ୍କୁ ଏହି ମିଶନରେ ସମ୍ପୂର୍ଣ୍ଣ ସହଯୋଗ କରି ଆସୁଛନ୍ତି। ବହି ଥାକ ଗୁଡିକରେ ରହିଛି ୨୦ ରୁ ଉର୍ଦ୍ଧ୍ୱ ଭାରତୀୟ ଓ ବିଦେଶୀ ଭାଷାର ପୁସ୍ତକ । ତାହା ପୁଣି ସାହିତ୍ୟ, ସଂସ୍କୃତି, ବିଜ୍ଞାନ, କିମ୍ବଦନ୍ତୀ, ଦର୍ଶନଶାସ୍ତ୍ର, ଇତିହାସ ଏବଂ ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ।

ସେହିପରି ପୋଲିସ, ଅଗ୍ନିଶମ, ଗୃହ ରକ୍ଷୀ ଓ ଜେଲ ସଂସ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ମେଡାଲ ଘୋଷଣା ହୋଇଥିବା ବେଳେ ସାରା ଦେଶର ୯୮୨ଜଣଙ୍କୁ ମିଳିବ ପୋଲିସ ସେବା ପଦକ । ସେ ଭିତରୁ ୧୨୫ଜଣଙ୍କୁ ସାହସିକତା ପୁରସ୍କାର, ୧୦୧ ଜଣଙ୍କୁ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ ଓ ୭୫୬ ଜଣଙ୍କୁ ଉତ୍ସର୍ଗୀକୃତ ସେବା ପାଇଁ ମେଡାଲ ପ୍ରଦାନ କରାଯିବ । ରାଜ୍ୟର ମୋଟ ୧୭ ଜଣଙ୍କୁ ବିଭିନ୍ନ ପୋଲିସ ମେଡାଲ ମିଳିବ ବୋଲି ଘୋଷଣା ହୋଇଛି । ସେ ଭିତରୁ ୪ଜଣଙ୍କୁ ସାହସିକତା ପାଇଁ ପଦକ, ୨ଜଣଙ୍କୁ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ ଓ ଅନ୍ୟ ୧୧ଜଣଙ୍କୁ ଉତ୍ସର୍ଗୀକୃତ ସେବା ପଦକ ପ୍ରଦାନ କରାଯିବ । ଏଡିଜି ପ୍ରତୀକ ମହାନ୍ତି ଓ ଡିସିପି ପ୍ରଫୁଲ୍ଲ କୁମାର ସିଂ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ ମିଳିବ । ସେହିପରି ଡିଏସପି ଅତୁଲକୃଷ୍ଣ ଦାସ, ଏଏସଆଇ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କନେଷ୍ଟବଳ ଘନଶ୍ୟାମ ସାହୁ ଓ କନେଷ୍ଟବଳ ଅବୀର ମାଝୀଙ୍କୁ ମିଳିବ ସାହସିକତା ପୁରସ୍କାର । କ୍ରାଇମ୍ ବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ, କମାଣ୍ଡାଣ୍ଟ ହରି ପ୍ରସାଦ ତାମଙ୍ଗ, ଅତିରିକ୍ତ ଏସପି ଶୁଭ୍ ନାରାୟଣ ମୁଦୁଲି , ଡିଏସପି ପ୍ରଦୀପ କୁମାର ଆଇଣ୍ଡ, ଡିଏସପି ପ୍ରଣତି ରାୟ, କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତି, ଇନ୍ସପେକ୍ଟର ଅରୁଣ କୁମାର ନାୟକ, ଇନ୍ସପେକ୍ଟର ମହମ୍ମଦ ହାଫିଜ୍, ହାବିଲଦାର ଲତା ନାୟକ ହାବିଲଦାର, ଏଏସଆଇ ନିଗମା ନନ୍ଦ ମହାପାତ୍ର, ଇନ୍ସପେକ୍ଟର ଲକ୍ଷ୍ମୀ ନାରାୟଣ ମୁଦୁଲିଙ୍କୁ ଉତ୍ସର୍ଗୀକୃତ ସେବା ପଦକ ପ୍ରଦାନ କରାଯିବ । ଏମାନଙ୍କ ମଧ୍ୟରେ ଓଡ଼ିଶାର ୧୭ଜଣଙ୍କୁ ମିଳିବ ପୁଲିସ ସେବା ପଦକ, ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ ପାଇବେ ୨ଜଣ, ୧୧ଜଣଙ୍କୁ ପ୍ରଶଂସନୀୟ ସେବା ପୁରସ୍କାର, ୪ ଜଣଙ୍କୁ ମିଳିବ ସାହସିକତା ସମ୍ମାନ, ଅଗ୍ନିଶମ ବିଭାଗର ୪ଜଣଙ୍କୁ ମିଳିବ ପୁରସ୍କାର, ଜଣଙ୍କୁ ମିଳିବ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ସମ୍ମାନ, ତିନିଜଣ ପାଇବେ ପ୍ରଶଂସନୀୟ ସେବା ସମ୍ମାନ, ଜଣେ ହୋମଗାର୍ଡଙ୍କୁ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପୁରସ୍କାର, ୨ଜଣ ହୋମଗାର୍ଡ ପାଇବେ ପ୍ରଶଂସନୀୟ ସେବା ସମ୍ମାନ, ସଂସ୍କାରମୂଳକ ସେବା ପାଇଁ ଜଣଙ୍କୁ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ସମ୍ମାନ ମିଳିବାର ଥିବାବେଳେ ସଂସ୍କାରମୂଳକ ସେବା କ୍ଷେତ୍ରରେ ଜଣଙ୍କୁ ପ୍ରଶଂସନୀୟ ସେବା ସମ୍ମାନ ପ୍ରଦାନ କରାଯିବ ।

# When the Earth Goes Silent, Humanity Must Listen



Nihar Ranjan Acharya

The Earth does not shout.

It whispers.

Through melting glaciers, drying rivers, polluted air, disappearing forests, and rising temperatures, nature is quietly sending us warning signals. Yet, in our rush for development and comfort, we often mistake these warnings for background noise.

Nature Never Needed Us—We Need Nature

For centuries, humanity believed it could conquer nature. We cut forests, diverted rivers, extracted minerals, and burned fossil fuels, assuming the planet would endlessly adjust. But nature has limits, and today those limits are becoming visible.

Floods, heatwaves, cyclones, droughts, and wildfires are no longer rare events. They are reminders that ecological imbalance eventually turns into human suffering.

Development Without Responsibility

True development improves life without destroying the foundation of life itself. Unfortunately, much of modern progress has been built on excessive consumption and careless exploitation of resources.

Cities expand while green spaces shrink.

Industries grow while air and water quality decline.

Convenience increases while sustainability decreases.

The cost of this imbalance is paid not in money alone, but in health, biodiversity, and future security.

The Environment Is Not a Separate Issue

Environment is not a side topic—it is the core of every issue.

Health, economy, food security, water availability, and even peace depend on




a stable environment.

A polluted river does not ask about religion.

A heatwave does not check income levels.

Climate change affects everyone, though the poorest suffer first.

Science, Wisdom, and Responsibility

Science has given us knowledge and solutions—renewable energy, conservation methods, sustainable agriculture, and climate models. But knowledge without responsibility is dangerous.

We don't need more data alone; we need collective wisdom to act on what we already know.

What Can Be Done

Environmental protection does not always require grand gestures. It begins with small, consistent actions:

- Protecting trees and green spaces
- Reducing waste and plastic use
- Conserving water and energy
- Supporting sustainable practices
- Raising awareness through education

When multiplied across millions of people, small actions create massive impact.

A Shared Moral Responsibility

The Earth is not an inheritance from our ancestors; it is a loan from our children. Every environmental decision we make today shapes the world they will live in tomorrow.

If we truly care about humanity, we must first care about the planet that sustains it.

Conclusion

When the Earth goes silent, it doesn't mean everything is fine.

It means the damage is already deep.

The question is no longer Is climate change real?

The real question is "Are we ready to change?"

Because saving the environment is not about saving the Earth—

it is about saving ourselves.

**Ph. 8249775817**
**E-Mail: nihar.acharya1973@gmail.com**



## ଆମେରିକାର ନୂଆ ବାହୁବଳୀ ଯୋଜନା

# ଶକ୍ତି ମାଧ୍ୟମରେ ଶାନ୍ତି




**ୱାଶିଂଟନ୍ :** ଆମେରିକା ନିଜର ଜାତୀୟ ପ୍ରତିରକ୍ଷା ରଣନୀତି ୨୦୨୬ ପ୍ରକାଶ କରିଛି। ଏହା ବିଶ୍ୱ ସୁରକ୍ଷା ପ୍ରତି ୱାସିଂଟନର ଆଭିମୁଖ୍ୟରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଇଛି । ଶକ୍ତି ମାଧ୍ୟମରେ ଶାନ୍ତି ଶୀର୍ଷକ ଏହି ତଥ୍ୟ ସ୍ପଷ୍ଟ କରୁଛି ଯେ, ବିଦେଶୀ ମାଟିରେ ଶେଷ ହେଉନଥିବା ଯୁଦ୍ଧ, ଶାସନ ପରିବର୍ତ୍ତନ ଓ ଆଦର୍ଶ ଅଭିଯାନ ଆଦି ନିଜର ପୁରୁଣା ନୀତିରୁ ଆମେରିକା ଦୂରେଇ ଯାଉଛି। ଏହା ବଦଳରେ, ନୂତନ ବାସ୍ତବବାଦୀ ଚିନ୍ତାଧାରା ଉପରେ ଆଧାରିତ ରଣନୀତିକୁ ଆପଣେଇଛି । ଏବେ ସାମରିକ ଶକ୍ତିକୁ ଶାନ୍ତି ପ୍ରତିଷ୍ଠା ଓ ଆମେରିକାର ମାତୃଭୂମିର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ଉପକରଣ ଭାବରେ ବ୍ୟବହାର କରାଯାଉଛି । ତଥ୍ୟ ଅନୁଯାୟୀ, ଆମେରିକା ନିଜର ଶତ୍ରୁମାନଙ୍କ ସହିତ ଏକ ସମ୍ମାନଜନକ ଓ ସ୍ଥାୟୀ ଶାନ୍ତି ଚାହୁଁଛି । କିନ୍ତୁ ଏହି ଶାନ୍ତି କେବଳ ଇଚ୍ଛାଶକ୍ତି ଦ୍ୱାରା ନୁହେଁ ବରଂ ଦୃଢ଼ ସାମରିକ ଶକ୍ତି ମାଧ୍ୟମରେ ହାସଲ କରିବାକୁ ମଧ୍ୟ ଲକ୍ଷ୍ୟ ରଖିଛି । ରଣନୀତିର ମୂଳ ଯୁକ୍ତି ହେଉଛି ଯେତେବେଳେ ଶତ୍ରୁମାନେ ସ୍ପଷ୍ଟ ଭାବରେ ଆମେରିକାର ସାମରିକ କ୍ଷମତା ଓ ଦୃଢ଼ ନିଷ୍ପତ୍ତି ଦେଖିବେ, ସେମାନେ ଆମେରିକାର ସ୍ୱାର୍ଥକୁ ଚ୍ୟାଲେଞ୍ଜ କରିବା ପୂର୍ବରୁ ବିରାମ ନେବେ।

ନୂତନ ରଣନୀତିରେ ଶୀତଳ ଯୁଦ୍ଧ ପରବର୍ତ୍ତୀ ନୀତିଗୁଡ଼ିକୁ କଡ଼ା ସମାଲୋଚନା କରାଯାଇଛି ଯାହା ଆମେରିକାର ପ୍ରକୃତ ସ୍ୱାର୍ଥ ସହିତ ସମନ୍ୱିତ ନଥିଲା । ଆମେରିକା ଏବେ ବିଦେଶୀ ଦେଶମାନଙ୍କ ଉପରେ ବଳପୂର୍ବକ ନିଜର ଜୀବନଶୈଳୀ କିମ୍ବା ବ୍ୟବସ୍ଥା ଲଦିବାର ଧାରଣାକୁ ପ୍ରତ୍ୟାଖ୍ୟାନ କରିଛି । ସେନା ଏବେ କେବଳ ସେହି ଦାୟିତ୍ୱଗୁଡ଼ିକ ଉପରେ ଧ୍ୟାନ ଦେବ ଯାହା ଆମେରିକୀୟ ନାଗରିକଙ୍କ ସୁରକ୍ଷା, ସ୍ୱାଧୀନତା ଓ ସମୃଦ୍ଧି ସହିତ ସିଧାସଳଖ ଜଡିତ ।

ଏହି ରଣନୀତି ସ୍ପଷ୍ଟ କରୁଛି ଯେ, ପ୍ରଭାବଶାଳୀ କୂଟନୀତି ପାଇଁ ସାମରିକ ଶକ୍ତି ଅତ୍ୟାବଶ୍ୟକ । ଯଦି ଶାନ୍ତି ପ୍ରୟାସ ବିଫଳ ହୁଏ କିମ୍ବା ପ୍ରତ୍ୟାଖ୍ୟାନ କରାଯାଏ, ତେବେ ଆମେରିକୀୟ ସେନା ଆମେରିକାର ସ୍ୱାର୍ଥ ପାଇଁ ଯୁଦ୍ଧ ଲଢ଼ିବା ଓ ଜିତିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବ । ସବୁଠାରୁ ଶକ୍ତିଶାଳୀ ସାମରିକ ସ୍ଥିତି ରାଷ୍ଟ୍ରପତିଙ୍କୁ ସଙ୍କଟ ସମୟରେ ନିର୍ଣ୍ଣାୟକ ପଦକ୍ଷେପ ନେବା ପାଇଁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିବ । ରଣନୀତିର ମୂଳରେ ଆମେରିକୀୟ ସ୍ୱାର୍ଥ ପ୍ରଥମେ ଚିନ୍ତାଧାରା ରହିଛି । ଆମେରିକା ନିଜର ସହଯୋଗୀ ଓ ଅଂଶୀଦାରମାନଙ୍କୁ ସ୍ପଷ୍ଟ କରିଛି ଯେ, ସେମାନଙ୍କୁ ନିଜ ସୁରକ୍ଷା ପାଇଁ ଅଧିକ ଦାୟିତ୍ୱ ନେବାକୁ ପଡିବ । ଏହି ଦାବି କେବଳ ଆମେରିକା ପାଇଁ ସୁବିଧା ଭାବରେ ନୁହେଁ, ବରଂ ସେହି ଦେଶଗୁଡ଼ିକର ନିଜସ୍ୱ ଦୀର୍ଘକାଳୀନ ସ୍ୱାର୍ଥ ପାଇଁ ମଧ୍ୟ ଜରୁରୀ । ତଥ୍ୟ ସ୍ପଷ୍ଟ କରୁଛି ଯେ, ଏକାନ୍ତବାଦୀ ନୀତି ନୁହେଁ, ଆମେରିକା ବିଶ୍ୱରୁ ସମ୍ପୂର୍ଣ୍ଣ ଭାବରେ ଅଲଗା ହେବାକୁ ଚେଷ୍ଟା କରିବ ନାହିଁ । ବରଂ ବିଦେଶରେ ନିଜର କାର୍ଯ୍ୟକୁ ସୀମିତ କରିବା ସହିତ ପ୍ରାଥମିକତା ଦେବ । ଆମେରିକାକୁ ସିଧାସଳଖ ପ୍ରଭାବିତ କରୁଥିବା ବିପଦ ଉପରେ ଧ୍ୟାନ ଦିଆଯିବ ।

# ଟ୍ରମ୍ପଙ୍କ ଭୟରେ ବଙ୍କରରେ ଲୁଚିଛନ୍ତି ଖେମିନି

## ପୁଅକୁ ଧରାଇଛନ୍ତି ଶାସନ ଭାର



**ସାନପୁଅକୁ ପ୍ରଶାସନିକ କାର୍ଯ୍ୟ ହସ୍ତାନ୍ତର**

**ନୌବାହିନୀ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଲେ ଟ୍ରମ୍ପ**

**ମୁଣ୍ଡ ନୁଆଁଇବାକୁ ମନା କଲା ଇରାନ**

**ସପ୍ତାହେ ଧରି ସୋସିଆଲ ମିଡିଆରୁ ଅଦୃଶ୍ୟ ଖେମିନି**

**ଆମେରିକା ସହିତ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଚେତାବନୀ ଦେଇଛନ୍ତି ଯେ, ସର୍ବୋଚ୍ଚ ନେତା ଆୟାତୋଲ୍ଲା ସୟଦ ଅଲି ଖେମିନିଙ୍କ ଉପରେ ଯେକୌଣସି ଆକ୍ରମଣକୁ ଇରାନ ସହିତ ଏକ ଯୁଦ୍ଧ ଭାବେ ବିବେଚନା କରାଯିବ ।**

**ତେହେରାନ୍ :** ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ସାମ୍ନାକୁ ଆସିଛି । ରିପୋର୍ଟ ଅନୁଯାୟୀ, ଆମେରିକାର ସମ୍ଭାବ୍ୟ ଏୟାର ଷ୍ଟ୍ରାଇକ୍ ଭୟରେ ଖେମିନି ଏକ ବଙ୍କରରେ ଲୁଚି ରହିଛନ୍ତି । ଇରାନର ବରିଷ୍ଠ ସାମରିକ ଅଧିକାରୀମାନେ ତାଙ୍କୁ ସତର୍କ କରାଇ ଦେଇଥିଲେ ଯେ, ଆମେରିକା ଯେକୌଣସି ସମୟରେ ଏୟାର ଷ୍ଟ୍ରାଇକ୍ କରିପାରେ । ରିପୋର୍ଟ ଅନୁଯାୟୀ, ୮୬ ବର୍ଷୀୟ ଖେମିନି ତେହେରାନର ଏକ ବଙ୍କରରେ ଲୁଚି ରହିଛନ୍ତି । ଜରୁରୀକାଳୀନ ପରିସ୍ଥିତିରେ ତାଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା ପାଇଁ ଏହି ବଙ୍କରଟି ଅନେକ ଗୁପ୍ତ ଭୂତଳ ସୁଡ଼ଙ୍ଗ ସହିତ ସଂଯୁକ୍ତ ବୋଲି କୁହାଯାଉଛି । ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ କ୍ୟାରିଅର ଷ୍ଟ୍ରାଇକ୍ ଗ୍ରୁପ୍ ପାରସ୍ୟ ଉପସାଗର ଆଡକୁ ମୁହାଁଇଥିବାରୁ ପରିସ୍ଥିତି ଅଧିକ ସଙ୍କଟ ଜନକ ହେବାରେ ଲାଗିଛି ।

ଖେମେନି ଦେଶର ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ତାଙ୍କ ସାନପୁଅ ମାସୁଦ ଖେମିନିଙ୍କୁ ହସ୍ତାନ୍ତର କରିଛନ୍ତି । ୫୩ ବର୍ଷୀୟ ମାସୁଦଙ୍କୁ ଅସ୍ଥାୟୀ ଭାବରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକର ତଦାରଖ ଦାୟିତ୍ୱ ଦିଆଯାଇଛି । ସେ ସରକାରଙ୍କ କାର୍ଯ୍ୟନିର୍ବାହୀ ଶାଖା ଓ କ୍ଷମତାର ଅନ୍ୟାନ୍ୟ ଅଂଶ ମଧ୍ୟରେ ମୁଖ୍ୟ ଯୋଗାଯୋଗକାରୀ ଭାବରେ କାର୍ଯ୍ୟ କରିଥାନ୍ତି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ପ୍ରତି ଘୋଷଣା କରିଛନ୍ତି ଯେ, ଆମେରିକା ମଧ୍ୟପ୍ରାଚ୍ୟକୁ ଯୁଦ୍ଧଜାହାଜ ପଠାଉଛି । ଏହାକୁ ଇରାନ ପ୍ରତି ଏକ କଠୋର ଚେତାବନୀ ବୋଲି ଟ୍ରମ୍ପ କହିଛନ୍ତି । ଆମେରିକା ନୌସେନା ଏକ ବଡ଼ ନୌବାହିନୀ ମୁତୟନ କରିବା ସହିତ ତିନୋଟି ଯୁଦ୍ଧଜାହାଜକୁ ନେଇ ଗଠିତ ଆବ୍ରାହମ ଲିଙ୍କନ୍ ଷ୍ଟ୍ରାଇକ୍ ଗ୍ରୁପ୍ ଭାରତ ମହାସାଗରରୁ ପାରସ୍ୟ ଉପସାଗର ଆଡକୁ ମୁହାଁଇଛି ।

ଇରାନ ଆମେରିକା ଆଗରେ ମୁଣ୍ଡ ନୁଆଁଇବାର କୌଣସି ସଙ୍କେତ ସାର୍ବଜନୀନ ଭାବରେ ଦେଖାଇ ନାହିଁ । ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ସ୍ପଷ୍ଟ ଭାବରେ କହିଛନ୍ତି, ଯଦି ଆମେରିକା କିମ୍ବା ଇସ୍ରାଏଲ ଇରାନର ସର୍ବୋଚ୍ଚ ନେତାଙ୍କ ଉପରେ ଆକ୍ରମଣ କରନ୍ତି । ତେବେ ଏହାକୁ ଇରାନ ବିରୋଧରେ ଯୁଦ୍ଧ ବୋଲି ବିବେଚନା କରାଯିବ । ଇରାନ ସଂସଦର ଜାତୀୟ ସୁରକ୍ଷା କମିଟି ଚେତାବନୀ ଦେଇଛି, ଯଦି ଖେମିନିଙ୍କ ଉପରେ ଆକ୍ରମଣ କରାଯାଏ ତେବେ ଜିହାଦ ଘୋଷଣା କରାଯିବ ।

ଖେମିନି ସାଧାରଣତଃ ସୋସିଆଲ ମିଡିଆରେ ସକ୍ରିୟ ଥାଆନ୍ତି । କିନ୍ତୁ ଜାନୁଆରି ୧୭ ତାରିଖରୁ ସେ ଏକ୍ସରେ କୌଣସି ପୋଷ୍ଟ କରିନାହାନ୍ତି । ସେ କେତେ ସମୟ ଧରି ବଙ୍କରରେ ଅଛନ୍ତି ତାହାର ସ୍ପଷ୍ଟ ସୂଚନା ମିଳିନାହିଁ । ଜୁନ୍ ମାସରେ ଇସ୍ରାଏଲ ସହ ୧୨ ଦିନିଆ ଯୁଦ୍ଧ ସମୟରେ ସେ ବଙ୍କରକୁ



Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**

ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର